## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ...............................


ଅନନ୍ୟା
ପରିବାରବର୍ଗ


ରାଘବ
ପରିବାରବର୍ଗ


ଅନ୍ୱେଷ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




### BRIDE WANTED

Handsome Brahmin boy 1991, 27/12, 5'4", B.Tech, Bank service, BBSR. Contact Swayamver. 9776510271. D-60824

Khandayat boy service TCS, required BE/ MBA/ MCA. Contact 8280026066. D-10679

Brahmin boy 1985/ 5'6" B.Tech Software Infosis Bangalore. 15,00,000/- required professional/ housewife. Barsha: 9338229705, 7749883585. D-64776

Wanted job Brahmin Bride, DCB Bank Deputy Manager, 32. 8763682144. D-65601

### GROOM WANTED

Divorcee bride Lecturer 39, Teacher 41 (Caste-no-bar). Contact: 7873374269. D-65450

Now Matrimonial ads. only on Wednesday & Sunday
Book 1 Get 1 FREE

## Classified

### real estate

### SALE

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

ଭୁବନେଶ୍ୱର ସୁନ୍ଦରପଦା। Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

ଭୁବନେଶ୍ୱର Khordha NHରୁ 100' ଦୂରତାରେ BDA plot 400/-ରେ ମିଳୁଅଛି। 9090963952. D-65328

Bhubaneswar Patia KIIT University ନିକଟରେ ବାସୋପଯୋଗୀ plot କିଣନ୍ତୁ। 9439444251, 9078085655. D-65334

Plot for sale near Balipatna (BDA area) @ Rs. 85/- per sqft. (Total area 2 acres) 500 mtrs. distance from Balipatna Market. Contact nos. 8984249041, 9238624459. D-10657

Want to make a society deal for 50 Units of 2/3BHK flats project at Corporate price near AMRI Hospital, Ghatikia, Bhubaneswar. 7750085903. D-10658

Sthtiban developed plot with Revenue Road and electricity near Patia Railway Station. 7978441564. D-10680

Bhubaneswar AIIMS Hospital, MOBus stand ନିକଟରେ ଘରବାଡ଼ି plot sale. 8480745797. D-65342

Developed residential plots at Hanspal, Atala, Nakhara, Aiginia, Rangabazar. 9438620034. D-65343

Booking one lakh simplex 2BHK 1200 sqft., land 20,50,000/-. BDA area Tankapaniroad Saitemple monthly installment 10,00,000/-. 7735738102. D-10710

Ready to move flats available for sale near Saitemple Tankapani Road, Bhubaneswar. 6370634379, 9348947458. D-63932

Resale 3BHK flat in new Forest Park on 1st floor without lift. Contact: 7978751719. D-62150

Pre-lunching booking open for 3BHK flats at BJB Nagar. Contact: 9861616986. D-62151

Gharabari plots available at Sahaspur (Sunderpada) on 60ft. Road near Sivani Apartment. Contact: 9124721060. D-62152

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡ଼ି ପାଚେରି ପ୍ଲଟ ପଞ୍ଚାରୁ ବିକ୍ରିହେବ। 9178660666. D-65528

### healthcare

Ayurvedic full body massage ladies/ gents smart experts therapist. 9114697517. D-64698

Roshin ayurvedic massage club fully relaxed by smart lady home service facility available. 9937637219. D-64697

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### ଷଷ୍ଠ ଜନ୍ମଦିନ ଶୁଭେଚ୍ଛା



**ସାଇବୈଭବ ବଡୁ**
**ମଞ୍ଚେଶ୍ୱର, ଭୁବନେଶ୍ୱର**

ତୁମର ଚଲାପଥ କୁସୁମିତ କରନ୍ତୁ ଓ ତୁମେ ସବୁବେଳେ ଖୁସିରେ ରୁହ ଏହାହିଁ ପ୍ରଭୁ ସାଇବାବାଙ୍କ ନିକଟରେ ପ୍ରାର୍ଥନା। ଶୁଭେଚ୍ଛା ସହ: **ଜେଜେ, ଜେଜେମା, ବାବା, ମାମା, ବଡବାବା, ବଡମାମା, ମାମାଲି, ତାନିଆ, ମୁନା, ପିନୁ, ଗୁଡୁ।** ଧ-୬୫୫୨୯


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧଦିବସ ଉପଲକ୍ଷେ



**ସ୍ୱର୍ଗତା ସଞ୍ଜୁକ୍ତା ସାହୁ**
ଆବିର୍ଭାବ: ୦୫।୦୪।୧୯୭୨
ତିରୋଧାନ: ୦୪।୦୧।୨୦୧୮

ମମି! ତୋର ଭଲପାଇବା, ସ୍ନେହଶ୍ରଦ୍ଧା, ତ୍ୟାଗ ଆମକୁ ମଣିଷ କରିଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଜଗଜ୍ଜନନୀମାଙ୍କ ନିକଟରେ ତୋର ଅନ୍ତର ଆତ୍ମାର ସଦ୍‌ଗତି କାମନା କରୁଛନ୍ତି ତୋର ଶୋକସନ୍ତପ୍ତ ସ୍ୱାମୀ, ପୁଅ ଓ ପରିବାର ଏବଂ ବନ୍ଧୁବର୍ଗ। ଧ-୧୦୫୫୭

### ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**√ ଦେବାଶିଷ ମହାନ୍ତି (ବାପୁ)**
**ତିରୋଧାନ : ୨୩.୦୧.୨୦୧୧**

ତୁମର ଅକାଳ ବିୟୋଗ ଆମ୍ଭମାନଙ୍କୁ ପ୍ରତି ମୁହୂର୍ତ୍ତରେ ଗଭୀର ଦୁଃଖ ଦେଇଚାଲିଛି। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
**ଶୋକସନ୍ତପ୍ତ ପରିବାରବର୍ଗ**
ଧ-୬୫୪୭୧


# ବିଧାୟକ ପଦରୁ ଇସ୍ତଫା ଦେଲେ ଯୋଗେଶ

ଭୁବନେଶ୍ୱର,୨୨।୧(ବ୍ୟୁରୋ)



ସୁନ୍ଦରଗଡ଼ କଂଗ୍ରେସ ବିଧାୟକ ଯୋଗେଶ ସିଂ ବିଧାୟକ ପଦରୁ ଇସ୍ତଫା ଦେଇଛନ୍ତି। ମଙ୍ଗଳବାର ସେ ତାଙ୍କର ଇସ୍ତଫାପତ୍ର ବିଧାନସଭା ବାଚସ୍ପତି ପ୍ରଦୀପ କୁମାର ଅମାତଙ୍କୁ ପ୍ରଦାନ କରିଛନ୍ତି। ଗତ ୧୭ ତାରିଖରେ ଦଳ ବିରୋଧୀ କାର୍ଯ୍ୟ ପାଇଁ ଓଡିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ତାଙ୍କୁ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବିତ କରିଥିଲା। ସେ ତାଙ୍କର ଇସ୍ତଫାପତ୍ର ଜାନୁୟାରୀ ୧୮ ତାରିଖରେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନିକଟକୁ ପଠାଇ ଦେଇଥିଲେ। ୨୦୦୯ରୁ ସୁନ୍ଦରଗଡ଼ ବିଧାନସଭା ଆସନରୁ କଂଗ୍ରେସ ଟିକେଟରେ ଯୋଗେଶ ଲଗାତର ବିଜୟୀ ହୋଇ ଆସୁଥିଲେ। କଂଗ୍ରେସର ବିଧାୟକ ହୋଇ ସେ ଅନେକ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶଂସା କରିଥିଲେ। ଏଥିସହିତ ସେ ଜାନୁୟାରୀ ୨୫ ତାରିଖରେ ରାହୁଲଙ୍କ ସଭାରେ ଯୋଗଦେବାକୁ ମନା କରିବାରୁ ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଥିଲା। ଦଳରୁ ନିଲମ୍ବନ ହେବା ପରେ ଯୋଗେଶ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସାରେ ଶତମୁଖ ହୋଇ ଉଠିଥିଲେ। ଯୋଗେଶ ୨୦୧୪ ନିର୍ବାଚନରେ ୬୬,୧୩୮ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ସେ ତାଙ୍କ ନିକଟତମ ବିଜେଡି ପ୍ରାର୍ଥୀ କୁସୁମ ଟେଟେଙ୍କୁ ୧୨,୫୮୪ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ। ସୁନ୍ଦରଗଡ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନୁସୂଚିତ ଜନଜାତି(ଏସଟି) ବର୍ଗଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ଯୋଗେଶଙ୍କ ପରି ନିକଟରେ ବିଜେଡିରେ ଯୋଗଦେଇଥିବା ନବ ଦାସ ମଧ୍ୟ ବିଧାୟକ ପଦରୁ ଇସ୍ତଫା ଦେଇପାରନ୍ତି ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। କେବେ ଇସ୍ତଫା ଦେବେ ଏ ପର୍ଯ୍ୟନ୍ତ ସେ କିଛି ସ୍ପଷ୍ଟ କରିନାହାନ୍ତି। ଅନ୍ୟପକ୍ଷରେ ତାଙ୍କ ବିରୋଧରେ ଝାରସୁଗୁଡାରେ କଂଗ୍ରେସ ନେତା ଓ କର୍ମୀମାନେ ଏକାଠି ହେବାରେ ଲାଗିଛନ୍ତି।

# '#ମିଟୁ' ଆନ୍ଦୋଳନରେ ଲୋକେ ଉଭୟ ପକ୍ଷକୁ ଶୁଣନ୍ତୁ: ଅଜୟ ଦେବଗନ



ମୁମ୍ବାଇ: '#ମିଟୁ' ଆନ୍ଦୋଳନ ଉତ୍ପୀଡିତ ଲୋକଙ୍କ ମୁହଁ ଖୋଲିବାକୁ ସୁଯୋଗ ସୃଷ୍ଟି କରିଛି। ତେବେ ଏହି ପ୍ରସଙ୍ଗ ନେଇ ଲୋକେ ଉଭୟ ପକ୍ଷର ମତ ଶୁଣିବା ଉଚିତ ବୋଲି ବଲିଉଡ୍ ଅଭିନେତା ଅଜୟ ଦେବଗନ୍ ପ୍ରକାଶ କରିଛନ୍ତି। ୨୦୧୭ ଅକ୍ଟୋବରରେ ପ୍ରଥମେ ହଲିଉଡରେ ମିଟୁ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଏହା ପରେ ୨୦୧୮ରେ ଭାରତରେ ଏହି ଆନ୍ଦୋଳନର ବ୍ୟାପକତା ଦେଖିବାକୁ ମିଳିଥିଲା। ଫିଲ୍ମ ନିର୍ମାତା ରାଜକୁମାର ହିରାନୀ ହେଉଛନ୍ତି ଶେଷ ବ୍ୟକ୍ତି ଯାହାଙ୍କ ନାମରେ ଯୌନ ନିର୍ଯାତନା ଅଭିଯୋଗ ଉଠିଛି। ତେବେ ଏଣ୍ଟରଟେନମେଣ୍ଟ ବିଜ୍‌ନେସ୍‌କୁ ଆସୁଥିବା ନୂଆ ପିଢ଼ିକୁ ଏହା ନିରୁତ୍ସାହିତ କରିବ ନାହିଁ କି ବୋଲି ପ୍ରଶ୍ନରେ ଅଜୟ କହିଲେ, 'ଦେଖନ୍ତୁ, ପ୍ରତ୍ୟେକ ଶିଳ୍ପରେ ଭଲ ଓ ମନ୍ଦ ଲୋକ ରହିଛନ୍ତି। ତେଣୁ ପ୍ରଥମେ ଲୋକଙ୍କୁ ଚିହ୍ନିବା ଉଚିତ। ଅଧିକାଂଶ ଘଟଣା ସତ୍ୟ ପ୍ରମାଣିତ ହେବା ସମ୍ଭାବନା ରହିଥିବାବେଳେ ଆଉ କେତେକ ଏହି ପ୍ରବହମାନ ଧାରାର ଫାଇଦା ନେଉଛନ୍ତି। ତେଣୁ ଏହିସବୁ ଘଟଣାରେ ଉଭୟ ପକ୍ଷର ମତାମତ ନେଇ ତଦନ୍ତ କରାଯିବା ଆବଶ୍ୟକ।'

# ଭାଜପା ଜିଲା କମିଟିର ପ୍ରାକ୍ ନିର୍ବାଚନୀ ବୈଠକ

ଭୁବନେଶ୍ୱର,୨୨।୧(ବ୍ୟୁରୋ)

ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଭାଜପା ଭୁବନେଶ୍ୱର ଜିଲା କମିଟି ପକ୍ଷରୁ ମଙ୍ଗଳବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଜିଲା ଅନ୍ତର୍ଗତ ୧୨ଟି ମଣ୍ଡଳ ସଭାପତିମାନଙ୍କୁ ନେଇ ଜିଲା ସଭାପତି ହରେକୃଷ୍ଣ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଆଗାମୀ ଲୋକ ସଭା, ବିଧାନସଭା ଓ ପୌର ନିର୍ବାଚନ ପାଇଁ ସାଙ୍ଗଠନିକ ନୀତି ନିର୍ଦ୍ଧାରଣ ଉପରେ ବିଚାର ବିମର୍ଶ କରାଯାଇଛି। ସମସ୍ତେ ଏକଜୁଟ୍ ହୋଇ ନିର୍ବାଚନ ପରିଚାଳନା କରିବା ପାଇଁ ସଂକଳ୍ପ କରିବା ସହ ନୂତନ ଖସଡା ପ୍ରସ୍ତୁତ କରାଯାଇଛି। ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରତିମାସରେ ସମୀକ୍ଷା ଓ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି।

## ଘନ କୁହୁଡ଼ିରେ ବୁଡ଼ିଯିବ ଉପକୂଳ

# ୧୨ ଜିଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ ବିଭାଗ

ଭୁବନେଶ୍ୱର,୨୨।୧(ବ୍ୟୁରୋ)

ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଉପକୂଳ ଓଡିଶାକୁ ଘନ କୁହୁଡି ଘେରିଯିବ। ୧୦୦ ମିଟର ଯାଏ ମଧ୍ୟ ଦେଖିବା ସମ୍ଭବ ହେବ ନାହିଁ। ଯାନବାହନ ଚଳାଇବା ବେଳେ ସାବଧାନତା ଅବଲମ୍ବନ କରିବାକୁ ପାଣିପାଗ ବିଭାଗ ୧୨ ଜିଲାକୁ ସତର୍କ ସୂଚନା ଜାରି କରିଛି। ଦୁଇଦିନ ପର୍ଯ୍ୟନ୍ତ କୁହୁଡିର ପ୍ରଭାବ ଜାରି ରହିବ। ୨୫ ତାରିଖରୁ ପାଗରେ ପରିବର୍ତ୍ତନ ହେବ। ଆଭ୍ୟନ୍ତରୀଣ ଓଡିଶାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ । ୨୮ରେ ଉପକୂଳ ଓଡିଶାରେ ବର୍ଷା ହେବ ବୋଲି ପାଣିପାଗ ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ରାଜ୍ୟକୁ ପଶ୍ଚିମା ବାୟୁ ପ୍ରବାହ ଜାରି ରହିଛି। ଦିନ ଓ ରାତ୍ରିର ତାପମାତ୍ରାରେ ବୃଦ୍ଧି ଘଟିଛି। ଗୋଟିଏ ଦୁଇଟି ସ୍ଥାନକୁ ବାଦ୍ ଦେଲେ ରାଜ୍ୟର ସବୁ ଅଞ୍ଚଳରେ ସର୍ବନିମ୍ନ ପାରଦ ୧୦ରୁ ୧୮ ଡିଗ୍ରୀ ମଧ୍ୟରେ ରହିଥିବା ବେଳେ ସର୍ବୋଚ୍ଚ ତାପମାତ୍ରା ୨୫ରୁ ୩୨ ଡିଗ୍ରୀ ସେଲସିୟସ ମଧ୍ୟରେ ରହୁଛି। ମିଳିଥିବା ସୂଚନା ଅନୁଯାୟୀ ଫୁଲବାଣୀରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୭.୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୮.୬, ଭବାନୀପାଟଣା ୯.୮, କୋରାପୁଟ ୯, ସୋନପୁର ୯ ଏବଂ ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୯ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ସେହିପରି ଭୁବନେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୮.୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଭବାନୀପାଟଣାରେ ସର୍ବାଧିକ ୩୨.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## ଓଏଏସ୍ ସ୍ତରରେ ଅଦଳବଦଳ

# ବଦଳିଲେ ୧୩ ତହସିଲଦାର

ଯାଜପୁର ଅଫିସ,୨୨।୧

ରାଜ୍ୟ ସରକାର ଓଏଏସ ସ୍ତରରେ ଅଦଳ ବଦଳ କରିଛନ୍ତି। ୧୩ ଜଣ ତହସିଲଦାରଙ୍କୁ ଅନ୍ୟତ୍ର ବଦଳି କରାଯାଇଛି।

ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ମଙ୍ଗଳବାର ଏନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଯାଜପୁର ଜିଲା ଦାନଗଦୀ ବିଡିଓ ବିଶ୍ୱଜିତ ଦାସଙ୍କୁ ସୁକିନ୍ଦା ତହସିଲଦାର ଭାବେ ବଦଳି କରାଯାଇଥିବାବେଳେ ଝୁମ୍ପୁରା ତହସିଲଦାର ସନ୍ଧ୍ୟାରାଣୀ ମାଝୀଙ୍କୁ ଘସିପୁରା, ଗଞ୍ଜାମ ବିଡିଓ ଜ୍ୟୋତିଶଙ୍କର ରାୟଙ୍କୁ କାଣିଶି, ପରଜଙ୍ଗ ତହସିଲଦାର ଅମ୍ରିତ ସରକାରଙ୍କୁ ବାରିପଦା, ରାୟଗଡା ପୌରାଞ୍ଚଳ ନିର୍ବାହୀ ଅଧିକାରୀ ଶାନ୍ତିପ୍ରଭା ପ୍ରଧାନଙ୍କୁ ଭବାନୀପାଟଣା, ଟିଟିଲାଗଡ ତହସିଲଦାର ସୁମନକିଶୋର ଡୁଙ୍ଗଡୁଙ୍ଗଙ୍କୁ ସଇଁତଳା, ସଇଁତଳା ତହସିଲଦାର ସ୍ୱଦୀପ କୁମାର ଟପ୍ପୋଙ୍କୁ ଟିଟିଲାଗଡ଼ ତହସିଲଦାର ଭାବେ ବଦଳି କରାଯାଇଛି। ସେହିପରି ବିଜେପୁର ତହସିଲଦାର ପ୍ରକାଶ କୁମାର ଦାସଙ୍କୁ କୁଜଙ୍ଗ ତହସିଲଦାର ଭାବେ ବଦଳି କରାଯାଇଥିବା ବେଳେ ସୁବର୍ଣ୍ଣପୁର ରାମପୁର ତହସିଲଦାର ପଞ୍ଚାନନ ପାତ୍ରଙ୍କୁ ବାଲେଶ୍ୱର, ବୋଲଗଡ ତହସିଲଦାର ପ୍ରେମାଂଶୁ ଚାନ୍ଦଙ୍କୁ ଜଟଣୀ , ପୁରୀ ଡେପୁଟି କଲେକ୍ଟର ଜୀତେନ୍ଦ୍ର କୁମାର ନାୟକଙ୍କୁ କୃଷ୍ଣପ୍ରସାଦ, ବୀରମହାରାଜପୁର ତହସିଲଦାର ଲକ୍ଷ୍ମୀପ୍ରସାଦ ସାହୁଙ୍କୁ କିଶୋରନଗର ଏବଂ ଭବାନୀପାଟଣା ତହସିଲଦାର ଲକ୍ଷ୍ମଣ ଅମାତଙ୍କୁ ସମ୍ବଲପୁର ତହସିଲଦାର ଭାବେ ବଦଳି ହୋଇଛି । ତେବେ ପୂର୍ବରୁ ଆରତି ଭୋଇଙ୍କୁ ସମ୍ବଲପୁର ଡେପୁଟୀ କଲେକ୍ଟର, ବରୀ ବିଡିଓ ପ୍ରଭାସ କୁମାର ବେହୁରାଙ୍କୁ ବଲାଙ୍ଗୀର ତହସିଲଦାର ଏବଂ ସୁଷମା ବିଲୁଙ୍ଗଙ୍କୁ ସମ୍ବଲପୁର ତହସିଲଦାର ଭାବେ ବଦଳି କରାଯାଇଥିଲା ତେବେ ଏହି ନିର୍ଦ୍ଦେଶକୁ ରଦ୍ଦ କରାଯାଇଛି ।

ଅନ୍ୟପକ୍ଷରେ ୪ ଜଣ ତହସିଲଦାରଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ବଦଳି କରାଯାଇଛି। ପରବର୍ତ୍ତୀ ସମୟରେ ସେମାନଙ୍କୁ ବିଡିଓ ଭାବେ ଅବସ୍ଥାପିତ କରାଯିବା ନେଇ ବିଜ୍ଞପ୍ତି ପ୍ରକାଶିତ ହୋଇଛି । ସେମାନେ ହେଲେ ଯାଜପୁର ଜିଲା ବିଞ୍ଝାରପୁର ତହସିଲଦାର ଶୁଭ୍ରାବାଳା ବେହେରା, ବାରିପଦାର ପୂର୍ବତନ ତହସିଲଦାର ଅନୁପମା ଘୋଷ, କୁଜଙ୍ଗ ତହସିଲଦାର ରମେଶଚନ୍ଦ୍ର ପଣ୍ଡା ଏବଂ ଦାମପଡ଼ା ତହସିଲଦାର ସୁନିତା ଜେନା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଚନ୍ଦ୍ର ଓ ମଙ୍ଗଳ ଷଡ଼ାଷ୍ଟକ ସ୍ଥିତିରେ ରହୁଥିବାରୁ ମନ ଚାହୁଁଥିଲେ ମଧ୍ୟ କୌଣସି କାମ ସହଜରେ ହୋଇପାରିବ ନାହିଁ। ବୁଝାମଣା ଅଭାବରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଦ୍ୱିଜା ନକ୍ଷତ୍ର ସାମାଜିକ ସ୍ତରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ପରିବହନ ଓ ବ୍ୟବସାୟରେ ମାନମନାନ୍ତର ଦେଖା ଦେଇପାରେ।

**ବୃଷ**
ଗୁରୁ ଓ ଶୁକ୍ର ତୃତୀୟାଧିପଙ୍କ କେନ୍ଦ୍ରସ୍ଥଳରେ ରହିଥିବାରୁ ଆତ୍ମୀୟସ୍ୱଜନଙ୍କ ସହାୟତାରେ କାର୍ଯ୍ୟ ହାସଲ କରିପାରିବେ। କାମର ଚାପ ଯୋଗୁ ମାନସିକ ସ୍ଥିତି ଠିକ୍ ରହିପାରେ। କାର୍ଯ୍ୟବ୍ୟସ୍ତତା ହେତୁ ଘରକଥା ବୁଝିବା ପାଇଁ ମଧ୍ୟ ସମୟ ପାଇବେ ନାହିଁ। ରୋହିଣୀ ନକ୍ଷତ୍ରର ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃ ବିବାଦର ଆଶଙ୍କା ରହିଛି ।

**ମିଥୁନ**
ଧନାଧିପ ତୃତୀୟଭାବସ୍ଥ ହେତୁ ନିକଟ ସମ୍ପର୍କୀୟଙ୍କୁ ସାହାଯ୍ୟ କରି ଆତ୍ମତୃପ୍ତି ଲାଭ କରିବେ। ପରିସ୍ଥିତି ପ୍ରତି ସଜାଗ ରହି କାମ ନ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆରଦ୍ରା ନକ୍ଷତ୍ର ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ନିଜର ଲୋକମାନେ ମଧ୍ୟ ବିରୁଦ୍ଧାଚରଣ କରିପାରନ୍ତି। ପ୍ରତ୍ୟେକ କାମରେ ଟେନସନ୍ କିଛି ମାତ୍ରାରେ ଲାଗିରହିବ।

**କର୍କଟ**
ରାଶ୍ୟାଧିପତିଙ୍କ ପ୍ରତି କୌଣସି ପାପଗ୍ରହର ଦୃଷ୍ଟି ନ ଥିବାରୁ ଧୀରେ ଧୀରେ ସ୍ୱାସ୍ଥ୍ୟ ଅବସ୍ଥା ସୁଧୁରି ଯିବ। ଅଶ୍ଲେଷା ନକ୍ଷତ୍ର ସକାଶେ ଯାହା ଅନ୍ୟମାନଙ୍କ ପାଇଁ ସହଜରେ କରାଇ ଦେଇପାରିବେ ତାହା ନିଜ ପାଇଁ କରିବା ଦୁରୂହ ହୋଇ ପଡ଼ିବ। ଶିଳ୍ପପତି, ଉଦ୍ୟୋଗୀ ତଥା ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ।

**ସିଂହ**
ବ୍ୟୟାଧିପ ରାଶିରେ ଚତୁର୍ଥାଧିପ ଠାରୁ ଷଷ୍ଠସ୍ଥ ହେତୁ ମାନସିକ ଦୁଶ୍ଚିନ୍ତା କାରଣରୁ କିମ୍ବା କେତେକ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ମଘା ନକ୍ଷତ୍ରର ମାଲିମକଦ୍ଦମା, ଆନୁଷ୍ଠାନିକ କାମରେ, ବନ୍ଧୁଙ୍କ ଅସହଯୋଗ କାରଣରୁ କେତେକ ବ୍ୟତିକ୍ରମ ସୃଷ୍ଟି ହେବ। ବ୍ୟବସାୟିକ, ଆର୍ଥିକ, ସାମାଜିକ ପ୍ରତିଷ୍ଠା ହାସଲ ପାଇଁ ଚେଷ୍ଟିତ ହେବେ।

**କନ୍ୟା**
ଆଜିର ଯୋଜନା ସକାଶେ ଆର୍ଥିକ ଅନଟନ ଉପଲବ୍ଧ କରିବାକୁ ପଡ଼ିପାରେ। କାର୍ଯ୍ୟ ହାସଲ କ୍ଷେତ୍ରରେ ପରିବାରରୁ ପ୍ରତିରୋଧ ଆସି ପାରେ। ଆକସ୍ମିକ ଭାବରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ସପ୍ତମସ୍ଥ ମଙ୍ଗଳ ଯାତ୍ରା, ବାଣିଜ୍ୟ ଓ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନିର କାରଣ ପାଲଟିଯିବ।

**ତୁଳା**
ଶୁଭଚନ୍ଦ୍ରଙ୍କ ସୁପ୍ରଭାବରେ ଆଜି ଆପଣଙ୍କ କୌଣସି କାମ ଅଟକି ରହିବ ନାହିଁ। ପ୍ରତ୍ୟେକ କଥାକୁ ଗର୍ଭସ୍ଥ କରି ଚଳି ପାରିଲେ ପାରିବାରିକ ସ୍ଥିତି ଭଲଥିବା ପରି ମନେ ହେବ। ସମସ୍ୟା ମଧ୍ୟରେ ଗତିକରି ମଧ୍ୟ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିପାରନ୍ତି। ଚିତ୍ରା ନକ୍ଷତ୍ର କ୍ରୀଡ଼ା, କଳା କ୍ଷେତ୍ରରେ ପାରଦର୍ଶିତା ହାସଲ କରିବ।

**ବିଛା**
ରାଶିର କେନ୍ଦ୍ରସ୍ଥଳରେ ଚନ୍ଦ୍ରମା ଆପଣଙ୍କ ମନକୁ ଉତ୍ସାହିତ କରିବ। ଫଳରେ ଆଜିର ଯାତ୍ରା ସାଙ୍ଗକୁ ପ୍ରତ୍ୟେକ କାମ ଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ । କୌଣସି ଯୁବକ ବ୍ୟକ୍ତିଠାରୁ ଅଯାଚିତ ଭାବରେ ଯଥେଷ୍ଟ ସହାୟତା ପାଇବେ। ଅନୁରାଧା ନକ୍ଷତ୍ରର ଯୁକ୍ତିତର୍କ ଜନିତ ପାରିବାରିକ କ୍ଷେତ୍ରରେ ସ୍ତ୍ରୀଙ୍କ ସହ ମତାନ୍ତରର ଆଶଙ୍କା ଦେଖା ଦେଇପାରେ।

**ଧନୁ**
ମୁଖଭାବରେ ରବି ଓ ବୁଧଙ୍କ ହେତୁ ଆପଣ ଆଜି ଯାହା ମନକୁ ଆସିଲା ତାହା କହି ପକାଇବା ଫଳରେ କୌଣସି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଅବଶ୍ୟ ଗୁରୁଙ୍କ ଶୁଭଦୃଷ୍ଟିଜନିତ ପାରିବାରିକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା ହେତୁ ସାମୟିକ ହସର ଝଲକ ସୃଷ୍ଟି ହେବ । କୌଣସି ବନ୍ଧୁଙ୍କ ଉପରେ ପୂର୍ଣ୍ଣ ଭରସା କରି ପ୍ରତାରିତ ହୋଇପାରନ୍ତି।

**ମକର**
ଆଜିର ଅଷ୍ଟମ ଚନ୍ଦ୍ର ଆପଣଙ୍କ ମାନସିକ ସ୍ତରକୁ ଅଶାନ୍ତ ଓ ବିଚଳିତ ରଖିପାରେ। ଯାତ୍ରାରେ ସମସ୍ୟା, ବନ୍ଧୁରେ କଳହ ସଙ୍ଗକୁ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ଧନିଷ୍ଠା ନକ୍ଷତ୍ର ନିଜ ପରିସରର ବ୍ୟକ୍ତି ବିଶେଷଙ୍କ କଥାକୁ ବିଶ୍ୱାସ କରି ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଶିକ୍ଷା, ପରୀକ୍ଷା, ବାଣିଜ୍ୟ ଓ ସଭାସମିତି କ୍ଷେତ୍ର ଭଲ ରହିବ।

**କୁମ୍ଭ**
କୌଣସି ଅସୁବିଧା ନ ଥିଲେ ମଧ୍ୟ ନିଜର ପ୍ରକାଶଭଙ୍ଗୀ ହିଁ ସମସ୍ତ ଅନର୍ଥର କାରଣ ହୋଇଯିବ। ଶିକ୍ଷା, ପରୀକ୍ଷା, ବାଣିଜ୍ୟ, ବ୍ୟବସାୟରେ ସମସ୍ୟାର ଆଶଙ୍କା ରହିଛି । ଶତଭିଷା ନକ୍ଷତ୍ରର ପାରିବାରିକ କ୍ଷେତ୍ର ପୂର୍ବପରି ରହିବ। ଅର୍ଥ ସମ୍ପର୍କ, ଯାନବାହନ, ଜମିଜମା ଓ କଚେରି ମାମଲା କ୍ଷେତ୍ରରୁ ସନ୍ତୋଷଜନକ ଫଳ ପାଇବେ।

**ମୀନ**
ଚନ୍ଦ୍ରଙ୍କ ସ୍ଥିତି ବିଶେଷ ଶୁଭପ୍ରଦ ନ ହେଲେ ମଧ୍ୟ ମଙ୍ଗଳଙ୍କ ପ୍ରଭାବରେ ଅର୍ଥ ସାହାଯ୍ୟ ପାଇଁ ଚିନ୍ତା କରିବାକୁ ପଡ଼ିବ ନାହିଁ। କିନ୍ତୁ ଉତ୍ତରଭାଦ୍ରପଦ୍ ନକ୍ଷତ୍ର ସକାଶେ ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବାର ଆଶଙ୍କା ରହିଛି। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ କିମ୍ବା ପରୋକ୍ଷ ଶତ୍ରୁତା ହେତୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ।

ଆଜି ମାଘ କୃଷ୍ଣ ତୃତୀୟା ବୁଧବାର, ଜାନୁୟାରୀ ୨୩ ତାରିଖ, ଦେଶ ପ୍ରେମ ଦିବସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ, ବୀର ସୁରେନ୍ଦ୍ର ସାଏ ଜୟନ୍ତୀ, ରାଶି ନକ୍ଷତ୍ର-ମଘା/ସିଂହ, କର୍କଟ ରାଶିର ଘାତବାର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୫୨ମି. ଗତେ ଘ୯।୧୫ମି. ମଧ୍ୟେ, ଘ୨।୪୫ମି. ଗତେ ଘ୪।୧୮ମି. ମଧ୍ୟେ ଅମୃତବେଳା । ସକାଳ ଘ୭।୫୨ମି. ମଧ୍ୟେ ଘ୧୦।୩୮ମି. ଗତେ, ଘ୧୨।୦୧ମି. ମଧ୍ୟେ ଘ୪।୦୮ମି. ଗତେ, ଘ୫।୩୧ମି. ମଧ୍ୟେ ମାହେନ୍ଦ୍ର ବେଳା।

# ଅଧୁରା ରହିଲା ଯାଜକ ଅଭିଷେକ ଦେଖା

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୨୨।୧(ଡି.ଏନ୍.ଏ.)

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅଧୀନ ବଙ୍ଗରଦୁଆ ଘାଟିରେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଏକ ମିନିଟ୍ରକ ଓଲଟି ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏବେ ବି ବ୍ରହ୍ମପୁର ବଡ଼ ମେଡିକାଲରେ ୩୫ ଜଣଙ୍କ ଚିକିତ୍ସା ଚାଲିଛି। ମିନିଟ୍ରକ୍‌ରେ ତାଜୁଙ୍ଗିଆ, ଗଦାପୁର ଓ ହାତୀମୁଣ୍ଡା ପଞ୍ଚାୟତ ଅଞ୍ଚଳରୁ ୫୦ରୁ ଊର୍ଦ୍ଧ୍ୱ ଲୋକ ବସି ବ୍ରାହ୍ମଣୀଗାଁରେ ହେଉଥିବା ଯାଜକ ଅଭିଷେକ ଦେଖିବାକୁ ଯାଉଥିଲେ। ତେବେ ଘାଟିରେ ମିନିଟ୍ରକଟି ଓଲଟି ପଡିବାରୁ ଅଭିଷେକ ଦେଖା ଅଧୁରା ରହିଯାଇଛି।


ବ୍ରାହ୍ମଣୀଗାଁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବି ନେଇ ଜିଲାପାଳ ଓ ଏସ୍‌ପିଙ୍କୁ ଘେରି ରହିଛନ୍ତି।

## ଖୁସି ଆଣିଦେଲା ଦୁଃଖ

ବ୍ରାହ୍ମଣୀଗାଁଠାରେ ମଙ୍ଗଳବାର ଖ୍ରୀଷ୍ଟଧର୍ମାମ୍ବଲମ୍ବୀ ୪ ଯାଜକଙ୍କୁ ଅଭିଷେକ କରାଯିବା କାର୍ଯ୍ୟକ୍ରମ ରହିଥିଲା। ଏହି କାର୍ଯ୍ୟକ୍ରମ ଦେଖିବା ପାଇଁ ଘରୁ ସମସ୍ତେ ହସଖୁସିରେ ବାହାରିଲେ। ମନରେ ଥିଲା ଭକ୍ତିଭାବ ଓ ଆନନ୍ଦ। ଏପରିକି ଅନେକ ଯୁବତୀଯୁବକ ଉକ୍ତ ମିନିଟ୍ରକରେ ଖୁସିରେ ନାଚୁଥିବା ମଧ୍ୟ କେତେଜଣ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ହେଲେ ଏହି ଖୁସି ବେଶି ସମୟ ରହିଲାନି। କାର୍ଯ୍ୟକ୍ରମ ସ୍ଥଳ ଆଉ ୧ କିମି ଦୂର ଥିବା ବେଳେ ସବୁକିଛି ଓଲଟପାଲଟ ହୋଇଗଲା।

## ଭବିଷ୍ୟତ ଗଢ଼ିବା ଆଗରୁ ଲିଭିଗଲା ଜୀବନ ଦୀପ

ଦୁର୍ଘଟଣାରେ ମୃତକଙ୍କ ମଧ୍ୟରୁ ୪ ଜଣଙ୍କ ବୟସ ୧୫ ବର୍ଷରୁ କମ୍ ଏବଂ ଜଣେ ୨୨ ବର୍ଷୀୟ ଯୁବକ। ଏମାନେ ଭବିଷ୍ୟତ ଗଢ଼ିବା ଆଗରୁ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ପିଲାଙ୍କୁ ହରାଇଥିବା ମା'ମାନଙ୍କ ଆଖିରୁ ଲୁହ ଶୁଖୁନାହିଁ।

## ମଦ କାରବାର ବନ୍ଦ ପାଇଁ ଏସ୍‌ପିଙ୍କୁ ଘେରାଉ

ଦୁର୍ଘଟଣାରେ ମୃତାହତଙ୍କ ପରିବାରକୁ କ୍ଷତିପୂରଣ ଓ ଅନ୍ୟାନ୍ୟ ଦାବି ନେଇ ଅଞ୍ଚଳବାସୀ ବ୍ରାହ୍ମଣୀଗାଁ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଆନ୍ଦୋଳନ ଚଳାଇଥିଲେ। ଏହି ସମୟରେ ବହୁ ମହିଳା କନ୍ଧମାଳ ଏସ୍‌ପି ପ୍ରତୀକ ସିଂଙ୍କୁ ଘେରାଉ କରି ମଦ କାରବାର ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବି ଜଣାଇଥିଲେ। ଅଞ୍ଚଳରେ ଥିବା ବିଦେଶୀ ମଦ ଦୋକାନକୁ ଶୀଘ୍ର ବନ୍ଦ କରାଯାଉ ବୋଲି ଜିଦ୍ ଧରିଥିଲେ।

## କମ୍ ସମୟ ମଧ୍ୟରେ ପହଞ୍ଚିଲା ଜିଲା ପ୍ରଶାସନ

ଘାଟିରେ ମିନିଟ୍ରକ୍ ଓଲଟିଥିବା ଖବର ଜଣାପଡିବା ପରେ କମ୍ ସମୟ ମଧ୍ୟରେ ଜିଲା ପ୍ରଶାସନ ଓ ପୋଲିସ ଆହତମାନଙ୍କ ନିକଟରେ ପହଞ୍ଚିଥିଲା। ଫୁଲବାଣୀ ହେଡକ୍ୱାର୍ଟର ଠାରୁ ବ୍ରାହ୍ମଣୀଗାଁର ଦୂରତା ପ୍ରାୟ ୧୬୦ କି.ମି। ସେଠାରୁ ଜିଲାପାଳ, ଏସପି ଓ ବାଲିଗୁଡ଼ା ଉପଜିଲାପାଳ ଓ ଅନ୍ୟମାନେ କମ ସମୟ ମଧ୍ୟରେ ବ୍ରାହ୍ମଣୀଗାଁକୁ ଆସ ଯାଇଥିଲେ।

## ବର୍ଷର ପ୍ରଥମ ମାସରେ ସ୍ତବ୍ଧ କଲା ଦୁର୍ଘଟଣା

ସମଗ୍ର ରାଜ୍ୟରେ ଦାରିଙ୍ଗବାଡ଼ିର ସ୍ୱତନ୍ତ୍ର ପରିଚୟ ରହିଛି। ଶୀତର ମଜାନେବା ପାଇଁ ପରିବାର ଓ ସାଙ୍ଗସାଥୀଙ୍କ ସହ ବହୁ ଲୋକ ଏଠାକୁ ଆସୁଛନ୍ତି। ତେବେ ଚଳିତ ବର୍ଷର ପ୍ରଥମ ମାସରେ ଏହି ମର୍ମନ୍ତୁଦ ଦୁର୍ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ହଜାର ହଜାର ସଂଖ୍ୟାରେ ଲୋକ ଦୁର୍ଘଟଣାସ୍ଥଳରେ ଭିଡ଼ ଜମାଇଥିଲେ। ପରେ ମୃତାହତ ତଥା ନିଜ ପରିଜନଙ୍କୁ ଦେଖିବା ପାଇଁ ବ୍ରାହ୍ମଣୀଗାଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୁଣ୍ଡ ହୋଥିଲେ। ଏଥିପାଇଁ ଟ୍ରାଫିକ ସମସ୍ୟା ଦେଖାଯାଇଥିଲା। ବ୍ରାହ୍ମଣୀଗାଁରେ ଦୁଃଖର ବାତାବରଣ ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ବୁଗୁଡ଼ା ବନାଞ୍ଚଳରେ ଦନ୍ତାହାତୀ ମୃତ



ବୁଗୁଡା,୨୨।୧(ଡି.ଏନ.ଏ.)- ଗଞ୍ଜାମ ଜିଲା ବୁଗୁଡା ବନାଞ୍ଚଳ ଗୌଡିଆବୋରଦା ନିକଟ ଅନ୍ଧାରୀ ଜଙ୍ଗଲରେ ମଙ୍ଗଳବାର ଅପରାହ୍ନରେ ଏକ ଦନ୍ତାହାତୀର ମୃତଦେହ ମିଳିଛି। ହାତୀ ମୃତ୍ୟୁକୁ ନେଇ ବିଭିନ୍ନ ସନ୍ଦେହ ପ୍ରକାଶ ପାଉଥିବା ବେଳେ ବୟସ ହୋଇଥିବା ଯୋଗୁ ତା'ର ସ୍ୱାଭାବିକ ମୃତ୍ୟୁ ହୋଇଛି ବୋଲି ବନାଞ୍ଚଳ ଅଧିକାରୀ ଦୁଃଶାସନ ନାୟକ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ସୋମବାର ଉକ୍ତ ଅଞ୍ଚଳର ଗାନ୍ଧୀନଗର ନିକଟରେ ଏହି ବୟସ୍କ ଦନ୍ତାହାତୀଟି ବୁଲୁଥିଲା। ଖବରପାଇ ବନାଞ୍ଚଳ କର୍ମଚାରୀମାନେ ଘଟଣାସ୍ଥଳକୁ ଯାଇ ହାତୀକୁ ଘଉଡାଇଥିଲେ। ତେବେ ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟାରେ ଅନ୍ଧାରୀ ଜଙ୍ଗଲରେ ହାତୀର ମୃତଦେହ ପଡିଥିବା ନିକଟସ୍ଥ ଗ୍ରାମବାସୀ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନାଞ୍ଚଳ ଅଧିକାରୀ ଦୁଃଶାସନ ନାୟକ, ବନପାଳ ସୁକାନ୍ତ କୁମାର ପଟ୍ଟନାୟକ, ବଳରାମ ପାତ୍ର ସଦଳବଳ ସେଠାରେ ପହଞ୍ଚି ହାତୀଟି ମରି ପଡିଥିବା ଦେଖିଥିଲେ। ମୃତଦେହ ପଡିଥିବା ସ୍ଥାନଠାରୁ ପ୍ରାୟ ୨ କି.ମି.ପରିସୀମା ଭିତରେ କୌଣସି ବିଦ୍ୟୁତ ତାର ଯାଇ ନ ଥିବା ଯୋଗୁ ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇ ନ ଥିବା ଅଧିକାରୀ ନିଶ୍ଚିତ ହୋଇଥିଲେ। ବାର୍ଦ୍ଧକ୍ୟ ଯୋଗୁ ହାତୀଟିର ମୃତ୍ୟୁ ଘଟିଥିବା ବନ ବିଭାଗ ନିଶ୍ଚିତ କରିଛି। ତେବେ ବିଷ ପ୍ରକ୍ରିୟାରୁ ମୃତ୍ୟୁ ଘଟିଥିବା ମଧ୍ୟ ଆଲୋଚନା ହେଉଛି। ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ବନାଞ୍ଚଳ ଅଧିକାରୀ କହିଛନ୍ତି। ଅପରପକ୍ଷରେ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ଆଶିଷ ବେହେରା, ଏସିଏଫ୍ ବିଭୂତି ଭୂଷଣ ବେହେରା ଓ ଅନ୍ୟ ପଦାଧିକାରୀମାନେ ଆସି ଘଟଣାର ଅନୁଧ୍ୟାନ କରୁଥିବା ଜଣାପଡିଛି। ହାତୀଟିର ବୟସ ପ୍ରାୟ ୩୦ ବର୍ଷରୁ ଅଧିକ ହେବ ବୋଲି ଜଣାପଡିଛି। ବୁଧବାର ଶବ ବ୍ୟବଚ୍ଛେଦ ହେବ ବୋଲି ସୂଚନା ମିଳିଛି।

### କିରାମାରେ ଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି,୨୨।୧(ସ୍ୱ.ପ୍ର.): ଗଜପତି ଜିଲା ନୂଆଗଡ ବ୍ଲକର କିରାମା ପଞ୍ଚାୟତରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅନୁପମ ଶାହା ଯୋଗଦେଇ ବିଭିନ୍ନ ଅଭିଯୋଗ ଶୁଣିଥିଲେ। ମୋଟ ୮୫ଟି ଅଭିଯୋଗ ଆଗତ ହୋଇଥିଲା। ତନ୍ମଧ୍ୟରେ ୩୫ଟି ବ୍ୟକ୍ତିଗତ ଓ ୫୦ଟି ସାମୂହିକ ଅଭିଯୋଗ ରହିଥିଲା। ୬୬ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଅବଶିଷ୍ଟ ଅଭିଯୋଗଗୁଡ଼ିକର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଭିଭିଗିରି ମହିଳା ପ୍ରଶିକ୍ଷଣ ବିଦ୍ୟାଳୟର ବାର୍ଷିକ ଉତ୍ସବ

# ଛାତ୍ରୀମାନେ ଚରିତ୍ର ଗଠନରେ ଧ୍ୟାନ ଦେବାକୁ ପରାମର୍ଶ

ବ୍ରହ୍ମପୁର ଅଫିସ,୨୨।୧


ଉତ୍ସବରେ କୃତୀ ପ୍ରତିଯୋଗୀଙ୍କ ସହ ଅତିଥିମାନେ।

ବ୍ରହ୍ମପୁର ଗିରିରୋଡ ଭିଭିଗିରି ସରକାରୀ ମହିଳା ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବ୍ରହ୍ମପୁର ମହାନଗର ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଜିଲା ଶିକ୍ଷାଧିକାରୀ(ଡିଇଓ) ସନାତନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବିନିତା ସେନାପତି, ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଡ. ପ୍ରଭାତୀ ମହାପାତ୍ର, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ବିଜୟ ଲକ୍ଷ୍ମୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀମାନେ ଉତ୍ତମ ନାଗରିକ ଓ ଚରିତ୍ର ଗଠନ ଉପରେ ଧ୍ୟାନ ଦେବାକୁ ମୁଖ୍ୟଅତିଥି ପରାମର୍ଶ ଦେଇଥିଲେ। ଛାତ୍ରୀମାନଙ୍କର ସମାଜ ପ୍ରତି ଥିବା ପ୍ରମୁଖ ଭୂମିକା ଉପରେ ଡିଇଓ ବୁଝାଇଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଥ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଦଶମ ଶ୍ରେଣୀରେ ଏ ଗ୍ରେଡ ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ଶୁଭଶ୍ରୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟରେ ନୂତନ ଭାବେ ନିର୍ମିତ ମଧ୍ୟାହ୍ନ ଭୋଜନ ଗୃହକୁ ମୁଖ୍ୟଅତିଥି ତଥା ବିଧାୟକ ଉଦ୍‌ଘାଟନ କରିଥିଲେ। ମୋ ସ୍କୁଲର ସମସ୍ତ ପୁରାତନ ଛାତ୍ରୀ ସାମିଲ ହୋଇଥିଲେ।

## ବାତ୍ୟା ଆଶ୍ରୟସ୍ଥଳୀରେ ଲାଗିଲା ନିଆଁ

ଛତ୍ରପୁର,୨୨।୧(ଡି.ଏନ.ଏ)

ଛତ୍ରପୁର ବ୍ଲକ ବଡଆର୍ଯ୍ୟପଲ୍ଲୀ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଉପର କୋଠରିରେ ମଙ୍ଗଳବାର ହଠାତ୍ ନିଆଁ ଲାଗିଯାଇଥିଲା। ଫଳରେ ଉକ୍ତ କୋଠରିରେ ଥିବା ଆସକା ଲାଇଟ୍, ବ୍ୟାଟେରୀ, ଷ୍ଟ୍ରେଚର ଓ ଦଉଡି ଆଦି ପୋଡି ନଷ୍ଟ ହୋଇଯାଇଛି। ଆନୁମାନିକ ୩୦ ଲକ୍ଷ ଟଙ୍କାର ସରଞ୍ଜାମ ପୋଡି ଯାଇଥିବା ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ ଆକଳନ ହୋଇଛି। ଖବରପାଇ ଜିଲା ଜରୁରିକାଳୀନ ବିଭାଗରେ ଥିବା ଓସ୍‌ଡମା ଅଧିକାରୀ ପ୍ରଭୁ ମହାରଣା ସେଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ଛତ୍ରପୁର ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଶର୍ଟସର୍କିଟ ଯୋଗୁ ଏଠାରେ ନିଆଁ ଲାଗିଯାଇଥିବା ଅନୁମାନ କରାଯାଉଛି। ସମୁଦ୍ରକୂଳରେ ଏହି ବାତ୍ୟା ଆଶ୍ରୟସ୍ଥଳୀ ରହିଛି। ପ୍ରାକୃତିକ ବିପର୍ଯ୍ୟୟ ବେଳେ ଏବଂ ଏହାର ପ୍ରାକ୍ ମୁକାବିଲା ପାଇଁ ଏହିସବୁ ସରଞ୍ଜାମ ବ୍ୟବହାର ହୋଇଥାଏ।


ପୋଡିଯାଇଥିବା ସରଞ୍ଜାମ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର


→ ନବୀନ


→ ଜଗା

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## କୁମାରବେଗପଲ୍ଲୀ ସ୍କୁଲର ବାର୍ଷିକୋତ୍ସବ

ଛତ୍ରପୁର,୨୨।୧(ଡି.ଏନ.ଏ.)

ଛତ୍ରପୁର ବ୍ଲକ କୁମାରବେଗପଲ୍ଲୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍କୁଲ କମିଟି ସଭାପତି ରମେଶ ଚନ୍ଦ୍ର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପୋଡାପଦର ସରପଞ୍ଚ ପୀତାମ୍ବର ପଣ୍ଡା ଯୋଗଦେଇ ସୁନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୋମନାଥ ସାହୁ ଯୋଗଦେଇ ସଫଳତା ପାଇଁ କଠିନ ପରିଶ୍ରମ ମୂଳମନ୍ତ୍ର ବୋଲି କହିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟା ରାଣୀ ଖାଡଙ୍ଗା ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ରୀତା ରଥ ସଭା ପରିଚାଳନା କରିଥିଲେ। ୱାର୍ଡ ସଭ୍ୟ ସନ୍ତୋଷ ସାହୁ ଓ ସଞ୍ଜୟ ପରିଡା, ସହକାରୀ ଶିକ୍ଷୟିତ୍ରୀ ଏସ୍. ରାଜଲକ୍ଷ୍ମୀ ରେଡ୍ଡୀ, କମିଟି ସଭ୍ୟ ଅଭିମନ୍ୟୁ ଛାଟୋଇ ଉପସ୍ଥିତ ରହି ସଭା ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରୀ ଛାତ୍ରମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶେଷରେ ସହକାରୀ ଶିକ୍ଷୟିତ୍ରୀ ସସ୍ମିତା ରାଉତ ଧନ୍ୟବାଦ ଦେଇଥିଲେ।

୧୬.୮୫ଲକ୍ଷ ଗାଏବ ଘଟଣା

# ଲିଙ୍କ୍‌ରେ ବିଜୁ ଯୁବବାହିନୀ ସଭାପତି ଥିବା ଅଭିଯୋଗ

ପୁରୁଷୋତ୍ତମପୁର,୨୨।୧ (ଡି.ଏନ୍.ଏ)

ପୁରୁଷୋତ୍ତମପୁର ବ୍ଲକ ହାଣ୍ଡିଘର ପଞ୍ଚାୟତର ଚତୁର୍ଦ୍ଦଶ ଅର୍ଥକମିଶନ ଅନୁଦାନ ଟଙ୍କା ୧୬ଲକ୍ଷ ୮୫ହଜାର ୧୨୦ଟଙ୍କା ବ୍ୟାଙ୍କ ଆକାଉଣ୍ଟରୁ ଗାଏବ ଘଟଣାରେ ବିଜୁ ଯୁବବାହିନୀ ସଭାପତିଙ୍କ ସମିର ବେହେରାଙ୍କ ଲିଙ୍କ୍ ଥିବା ଅଭିଯୋଗ ହୋଇଛି। ଏ ନେଇ ମୁଖ୍ୟ ଅଭିଯୁକ୍ତ ହାଣ୍ଡିଘର ପଞ୍ଚାୟତ ସରପଞ୍ଚ ସୂର୍ଯ୍ୟନାରାୟଣ ଗୌଡ଼ଙ୍କ ସମେତ ୩ଜଣଙ୍କ ନାଁରେ ନଂ. ୧୭/୧୯ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି।

ପ୍ରକାଶ ଯେ, ହାଣ୍ଡିଘର ଗ୍ରାମ ପଞ୍ଚାୟତ ପକ୍ଷରୁ ପୁରୁଷୋତ୍ତମପୁର ମେନ୍ ବ୍ରାଞ୍ଚ ଷ୍ଟେଟ୍‌ବ୍ୟାଙ୍କରେ ସରପଞ୍ଚ ସୂର୍ଯ୍ୟନାରାୟଣ ଗୌଡ଼ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦେବରାଜ ମହାନ୍ତିଙ୍କ ନାଁରେ ଜଏଣ୍ଟ ଆକାଉଣ୍ଟ ରହିଛି। ଏଥିରୁ ଗତ ମାସ ୨୪ ତାରିଖରେ ୯ଲକ୍ଷ ୨୦ ହଜାର ୬୦୫ ଟଙ୍କା ପ୍ରତାପୁର ଗ୍ରାମର ବୀରେନ୍ଦ୍ର ବେହେରା ଓ ହାଣ୍ଡିଘର ଗ୍ରାମର ସୁଦର୍ଶନ ବେହେରାଙ୍କ ଆକାଉଣ୍ଟକୁ ୭ ଲକ୍ଷ ୬୪ ହଜାର ୫୧୫ ଟଙ୍କା ଆର୍‌ଟିଜିଏସ୍ ମାଧ୍ୟମରେ ପଠାଯାଇଛି।

ପୋଲିସ ବିରେନ୍ଦ୍ର ଓ ସୁଦର୍ଶନଙ୍କୁ ଥାନାକୁ ଡକାଇ ପଚରାଉଚରା କରିବାରୁ ବିରେନ୍ଦ୍ର କହିଛନ୍ତି ଯେ, ଉକ୍ତ ଟଙ୍କାକୁ ସେ ମୁଳକୁମାରୀ ଗ୍ରାମରେ ନିର୍ମାଣାଧିନ ଥିବା କଲ୍ୟାଣ ମଣ୍ଡପର ବିଲ ବାବଦରେ ଛାଡ଼ି ଦେଇଥିବାର ସରପଞ୍ଚ ତାଙ୍କୁ କହିଥିଲେ। ପରେ ସରପଞ୍ଚ ଆସି ତାଙ୍କ ଠାରୁ ଦୁଇ ପର୍ଯ୍ୟାୟରେ ୭ଲକ୍ଷ ୨୦ହଜାର ଟଙ୍କା ନେଇଥିବାବେଳେ ବଳକା୨ ଲକ୍ଷ ଟଙ୍କାକୁ ହାଣ୍ଡିଘର ପଞ୍ଚାୟତ ବିଜୁ ଯୁବବାହିନୀର ସଭାପତି ସମୀର ବେହେରାଙ୍କ ଆକାଉଣ୍ଟକୁ ପଠାଇବାକୁ କହିବାରୁ ଟଙ୍କା ପଠାଯାଇଛି। ସୁଦର୍ଶନ ବେହେରା ମଧ୍ୟ ୪ଟି ପର୍ଯ୍ୟାୟରେ ଏହି ଟଙ୍କା ସରପଞ୍ଚ ମୁଳୁକୁମାରୀ ଗ୍ରାମରେ ଘର ତିଆରି ଲାଗି ନେଇଥିବା କହିଛନ୍ତି। ବିଜୁ ଯୁବବାହିନୀର ସଭାପତି ସମୀର ବେହେରାଙ୍କୁ ପଚାରିବାରୁ ଏହି ୨ଲକ୍ଷ ଟଙ୍କା ସରପଞ୍ଚ ତାଙ୍କଠାରୁ ମଣିପୁରମ୍ ଗୋଲ୍ଡ ଲୋନ୍‌ରେ ବନ୍ଧକଥିବା ସୁନାଗହଣା ମୁକୁଳାଇବାକୁ ନେଇଥିବା କହିଛନ୍ତି। ଏଭଳି ୩ଜଣଙ୍କ ଭିନ୍ନ ଭିନ୍ନ ମତକୁ ନେଇ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ମାତ୍ର ସରପଞ୍ଚ ଫେରାର ଥିବାରୁ ତାଙ୍କ ମତାମତ ମିଳିପାରିନାହିଁ। ଏନେଇ ତଦନ୍ତ ଚାଲିଥିବା ଆଇଆଇସି ଅଜୟ କୁମାର ବାରିକ ଓ ତଦନ୍ତକାରୀ ଅଫିସର ସୁନୀଲ କୁମାର ପ୍ରଧାନ କହିଛନ୍ତି। ବିଡିଓ ସତ୍ୟସୁନ୍ଦର ରାଉତଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଘଟଣା ସମ୍ପର୍କରେ ଜିଲାପାଳ, ପିଡ଼ି, ଛତ୍ରପୁର ଉପଜିଲାପାଳଙ୍କୁ ଜଣାଯାଇଛି। ନିର୍ବାହୀ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ସରକାର ଟଙ୍କା ଏପରି ହଡ଼ପ ହେଲା ବୋଲି ତାଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଲାଗି ସୁପାରିଶ କରାଯାଇଥିବା କହିଛନ୍ତି।

ଜିଲା ବିଜୁ କୃଷକ ଜନତା ଦଳର ସୂଚନା

# ଚାଷୀ ସମାବେଶରେ ଖୋଲିବ ୨୨ ଷ୍ଟଲ୍

ବ୍ରହ୍ମପୁର ଅଫିସ,୨୨।୧

- ପ୍ରତି ବ୍ଲକରୁ ଅନ୍ୟୁନ ହଜାରେ ଲେଖାଏ ଆସିବେ କୃଷକ
- କଂଗ୍ରେସ କହିଲା ଏହା ଭୋଟ ରାଜନୀତି


ଖବରଦାତା ସମ୍ମିଳନୀରେ ବିଜୁ କୃଷକ ଜନତା ଦଳର ସଭାପତି ଓ ଜିଲା ପରିଷଦ ଅଧ୍ୟକ୍ଷ ମଞ୍ଚାସୀନ।

ନବଗଠିତ ଗଞ୍ଜାମ ଜିଲା ବିଜୁ କୃଷକ ଜନତା ଦଳର ପ୍ରଥମ ବୈଠକ ମଙ୍ଗଳବାର ବ୍ରହ୍ମପୁର ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୭ ତାରିଖରେ ଗୋପାଳପୁର ନିର୍ବାଚନ ମଣ୍ଡଳୀ ରଙ୍ଗେଇଲୁଣ୍ଡା ନିକଟରେ ହେବାକୁ ଥିବା କୃଷକ ମହାସମାବେଶକୁ ସମ୍ପୂର୍ଣ୍ଣ ସଫଳ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସଂଗଠନ ସଭାପତି ତଥା ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ଥିବାରୁ ଜିଲାର ସମସ୍ତ ବ୍ଲକରୁ ଆସୁଥିବା ଚାଷୀଙ୍କୁ ଶୃଙ୍ଖଳିତ କରିବା ଲାଗି କୃଷକ ଜନତା ଦଳର କାର୍ଯ୍ୟକର୍ତ୍ତାମାନେ ଦାୟିତ୍ୱ ନେବାକୁ ପରାମର୍ଶ ଦେଇଥିଲେ।

ବୈଠକ ଶେଷରେ ସ୍ୱାଇଁ କହିଥିଲେ, ସମାବେଶ ସ୍ଥଳରେ ବିଜୁ କୃଷକ ଜନତା ଦଳ ପକ୍ଷରୁ ୨୨ ଷ୍ଟଲ ଖୋଲାଯିବ। ସେଥିରେ ସମସ୍ତ କୃଷି ଉପକରଣ ରଖାଯିବ। ପ୍ରତି ବ୍ଲକରୁ ଅନ୍ୟୁନ ହଜାରେ ଲେଖାଏ ଚାଷୀ ଯେଭଳି ଯୋଗଦେବେ ସେ ନେଇ ବ୍ୟବସ୍ଥା କରାଯାଇଛି। କାଳିଆ ଯୋଜନାନୁସାରେ ୪୭ ହଜାରରୁ ଊର୍ଦ୍ଧ୍ୱ ଚାଷୀ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ କୃଷି ଉପକରଣ ଓ ଆର୍ଥିକ ସହାୟତା ବଣ୍ଟନ କରିବେ। କାର୍ଯ୍ୟକ୍ରମରେ କୃଷକ ଜନତା ଦଳ କର୍ମକର୍ତ୍ତାମାନେ ସମ୍ପୂର୍ଣ୍ଣ ସହଯୋଗ କରିବେ। ସମାବେଶକୁ ବିଭିନ୍ନ ବ୍ଲକରୁ ଚାଷୀଙ୍କୁ ଆଣିବା ଦାୟିତ୍ୱ ବିଜୁ କୃଷକ ଜନତା ଦଳର ବ୍ଲକ କମିଟି କର୍ମକର୍ତ୍ତାଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିବା ସ୍ୱାଇଁ ସୂଚାଇଥିଲେ। ଆଲୋଚନାରେ ଉପସଭାପତି ଜାମୁଲା ଶଙ୍କର ନାରାୟଣଙ୍କ ସମେତ ଅନ୍ୟମାନେ ଭାଗ ନେଇଥିଲେ।

ଜିଲା ବିଜେଡି ସାଧାରଣ ସମ୍ପାଦକ ତଥା ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବେହେରା, ଯୁବ ବିଜେଡି ଜିଲା ସଭାପତି ଏନ୍. ଧନଞ୍ଜୟ ରାଓ, ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ କାଳିଆ ଯୋଜନା ଓ କୃଷକ ସମାବେଶ ବିଜେଡି ସରକାରଙ୍କ ନିର୍ବାଚନୀ ଧୂଆଁବାଣ ହୋଇଥିବା କଂଗ୍ରେସ କଟାକ୍ଷ କରିଛି। ଜିଲାରେ ଚାଷୀ ଆତ୍ମହତ୍ୟା ବଢ଼ି ଚାଲିଛି ଏବଂ ଧାନର ଅଭାବୀ ବିକ୍ରୀ ସାଙ୍ଗକୁ ନିଅଣ୍ଟିଆ ଜଳସେଚନ ଯୋଗୁ କୃଷିଜାତ ପଦାର୍ଥର ଉତ୍ପାଦନ ସବୁ ବର୍ଷ ହ୍ରାସ ପାଉଥିବା ବେଳେ ଭୋଟ ରାଜନୀତି ପାଇଁ ବିଜେଡି ସରକାରଙ୍କ ଚାଷୀ ସମାବେଶ କରାଯାଉଥିବା ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା ତାଚ୍ଛଲ୍ୟ କରିଛନ୍ତି।

## ସଂକ୍ଷେପରେ

### ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ପାତ୍ରପୁର,୨୨।୧(ଡି.ଏନ୍.ଏ.): ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ସ୍ଥିତ ଭରତପତି ମହାବିଦ୍ୟାଳୟ ପରିସରରେ ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନି ଉତ୍ସବରେ ଭାରପ୍ରାପ୍ତ ପ୍ରିନ୍ସପାଲ ସୁବ୍ରତା ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅତିଥି ଭାବେ ରଞ୍ଜୁକ୍ତା ପାଣିଗ୍ରାହୀ, ଡ. ପ୍ରଶାନ୍ତ କୁମାର ବେହେରା, ନୀଳାଞ୍ଚଳ ପଟ୍ଟନାୟକ, କୋର୍ଡିନେଟର ଭାବେ ଚିନ୍ମୟୀ ପାଢ଼ୀ, ପୂର୍ଣ୍ଣପ୍ରଭା ତ୍ରିପାଠୀ, କ୍ରୀଡ଼ା ଶିକ୍ଷକ ସୁଧାକର ବିଷୋୟୀ ପ୍ରମୁଖ ମଞ୍ଚାସୀନଥିଲେ। ଯୁକ୍ତ ଦୁଇର ୯୦ ଛାତ୍ରୀ ଓ ଯୁକ୍ତ ତିନିର ୯୦ ଛାତ୍ରୀ ତାଲିମ ନେଇଥିଲେ। ଦିର୍ଘ ୧୨ ଦିନ ଧରି ଚାଲିଥିବା ତାଲିମ୍ ଶିବିରରେ ବିଦ୍ୟାଳୟର ସୁକନ୍ୟା ସାହୁ ଓ ନମିତା ପ୍ରଧାନ ଟ୍ରେନର ଭାବେ ଯୋଗ ଦେଇଥିଲେ।

### ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ମନ୍ତ୍ରୀ



ପାତ୍ରପୁର,୨୨।୧(ଡି.ଏନ୍.ଏ.): ପାତ୍ରପୁର ବ୍ଲକ ତଣ୍ଡିପୁର ଓ ଖରଣିପଡା ପଞ୍ଚାୟତରେ ମଙ୍ଗଳବାର ସ୍ଥାନୀୟ ବିଧାୟିକା ତଥା ମନ୍ତ୍ରୀ ଉଷା ଦେବୀ ବିଭିନ୍ନ ପ୍ରକଳ୍ପର ଶୁଭ ଉଦଘାଟନ କରିଛନ୍ତି। ପ୍ରଥମେ ଖରଣିପଡା ପଞ୍ଚାୟତର ଶାସନ ଗ୍ରାମରେ ନିର୍ମିତ 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମରେ ସାମୁହିକ ଗୋଷ୍ଠୀକେନ୍ଦ୍ର, ନନ୍ଦିଗାଁ ହରିଜନ ସାହି କୋଠାଘର, କୋଳିହଳା ଗ୍ରାମର ନିର୍ମିତ ଦୁଇଟି ଅଙ୍ଗନୱାଡି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ସେହିଭଳି ତଣ୍ଡିପୁର ପଞ୍ଚାୟତ ଖଇର ଗ୍ରାମର ଅଙ୍ଗନୱାଡି କେନ୍ଦ୍ର, ସାହାସପୁର ଗ୍ରାମର ସାମୁହିକ ଗୋଷ୍ଠିକେନ୍ଦ୍ର, ଅଙ୍ଗନୱାଡି କେନ୍ଦ୍ର, ପୋଲରାଜପୁର ଗ୍ରାମରେ ହୋଇଥିବା ସାମୁହିକ ଗୋଷ୍ଠୀ କେନ୍ଦ୍ର ପ୍ରମୁଖ ଉଦ୍‌ଘାଟନ କରିଥିଲେ। କୋଳିହଳା ଓ ପୋଲରାଜପୁର ଗ୍ରାମବାସୀ ସେମାନଙ୍କ ବିଭିନ୍ନ ଦାବି ନେଇ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଜିଲାପରିଷଦ ସଭ୍ୟ ପ୍ରକାଶ ଦାସ, ଜିଲା ମହିଳା ସମ୍ପାଦିକା ରଞ୍ଜିତା ମହାନ୍ତି, ଶିକ୍ଷକ ନେତା ରାଜେଶ ମହାନ୍ତିଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

### ବିଦ୍ୟାଳୟର ବାର୍ଷିକ ଉତ୍ସବ

ଶେରଗଡ,୨୨।୧(ଡି.ଏନ୍.ଏ.): ଶେରଗଡ ସ୍ଥିତ ବିଜୁ ପଟ୍ଟନାୟକ ଇଂଲିଶ ମାଧମ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ଭୃଷୁଣ୍ଡାଛକସ୍ଥିତ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପ୍ରତିଷ୍ଠାତା ଓ ସଭାପତି ଗୌରହରି ବିଷୋୟୀ ଅଧକ୍ଷତା କରିଥିଲେ। ଅତିଥିଭାବେ ଶେରଗଡ ବିଡିଓ ସୁରଞ୍ଜନ କୁମାର ସାହୁ, ମୁଖ୍ୟବକ୍ତାଭାବେ ଭାସ୍କର ଲେଙ୍କା ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଥାନାଅଧିକାରୀ ବିଶ୍ୱରଞ୍ଜନ ନାୟକ, ଆଦର୍ଶ ବିଦ୍ୟାଳୟର ଅଧକ୍ଷ ଭକ୍ତିରଞ୍ଜନ ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଅଧକ୍ଷ ନିରାକାର ବିଷୋୟୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ଅବିଭାବକ ଯୋଗ ଦେଇଥିଲେ। ଶେଷରେ କୁନି ପିଲାମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ




ଆସିକା, ୨୨।୧(ଡି.ଏନ୍.ଏ.): ଆସିକା ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଡିସେମ୍ବର ୧୨ ତାରିଖଠାରୁ ଚାଲିଥିବା ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଅଧକ୍ଷ ପ୍ରଫେସର ସନ୍ତୋଷ କୁମାର ସୁବୁଦ୍ଧିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଫେସର ଶ୍ରୀମତି ମିଶ୍ର ଯୋଗ ଦେଇଥିଲେ। ସମ୍ପ୍ରତି ମହିଳାମାନେ ବିଭିନ୍ନ ସମୟରେ ଯେଉଁଭଳି ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି, ସେଥିରୁ ଉଦ୍ଧାର ପାଇବାକୁ ଆତ୍ମ ସୁରକ୍ଷା ତାଲିମର ଆବଶ୍ୟକ ଏକାନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ୧୨୦ଜଣ ଲେଖାଏ ଛାତ୍ରୀଙ୍କୁ ନେଇ ୩ଟି ଗ୍ରୁପରେ ୩୬୦ଜଣ ଛାତ୍ରୀଙ୍କୁ ଏହି ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜିକା ସ୍ମିତାରାଣୀ ପଣ୍ଡା ଶିବିର ସମ୍ପର୍କରେ ବିବରଣୀ ପାଠ କରିଥିଲେ। ଅଧାପକ ସରୋଜ କୁମାର ପଣ୍ଡା, ଅଧାପିକା ସସ୍ମିତା କୁମାରୀ ପାତ୍ର, ଅଧାପିକା ସେଲ୍ କୁମାରୀ ଓ ଅଧାପିକା ବନଶ୍ରୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସାଧାରଣ ନିର୍ବାଚନ ପ୍ରସ୍ତୁତି

# ବଦଳିବେ ୩ ବର୍ଷରୁ ଅଧିକ ଥିବା ଅଧିକାରୀ

ଛତ୍ରପୁର,୨୨।୧(ଡି.ଏନ.ଏ.)



ଅତିରିକ୍ତ ଜିଲାପାଳ ଏବଂ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

- ନଜର ରଖିବ କ୍ୟାମେରା
- ଆଚରଣବିଧି କଡାକଡି ପାଳନ ନିର୍ଦ୍ଦେଶ
- ୩୦୦ ଟଙ୍କାରେ ମିଳିବ ରେକର୍ଡିଂ

ଗଞ୍ଜାମ ଜିଲାରେ ହେବାକୁ ଥିବା ସାଧାରଣ ନିର୍ବାଚନ ପ୍ରସ୍ତୁତି ନେଇ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ମଙ୍ଗଳବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ପୋଲିସ ଅଧିକାରୀ ଓ ଥାନା ଆଇଆଇସିମାନଙ୍କୁ ମଧ୍ୟ ନିର୍ବାଚନ ଆଚରଣବିଧି ଓ ଅନ୍ୟାନ୍ୟ ବିଷୟରେ ତାଲିମ ଦିଆଯାଇଛି। ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଓ ଜିଲା ସହରାଞ୍ଚଳ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସବ୍ୟସାଚୀ ହୋତା ନିର୍ବାଚନ ପରିଚାଳନା, ମନିଟରିଂ ଏବଂ ଆଚରଣ ବିଧି ଉପରେ ବିସ୍ତୃତ ଭାବେ ପୋଲିସ ଅଧିକାରୀ ଓ ଆଇଆଇସି ମାନଙ୍କୁ ଅବଗତ କରାଇଥିଲେ। ଗଞ୍ଜାମ ଜିଲାରେ ଗୋଟିଏ ସ୍ଥାନରେ ୩ ବର୍ଷରୁ ଉର୍ଦ୍ଧ୍ୱ ଧରି ରହିଥିଲେ ସମ୍ପୃକ୍ତ ପ୍ରଶାସନିକ ଓ ପୋଲିସ ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରାଯିବ ବୋଲି ସୂଚନା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଜିଲାର ଅଧିକାଂଶ ଓଏଏସ୍, ଓପିଏସ୍ , ଥାନା ଅଧିକାରୀ ଓ ସବଇନ୍ସପେକ୍ଟରଙ୍କ ବଦଳି ହେବା ଏକ ପ୍ରକାର ନିଶ୍ଚିତ। ନିର୍ବାଚନ ବେଳେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ପରେ ପୋଷ୍ଟିଂ ଓ ବଦଳି ହୋଇପାରିବ ବୋଲି କୁହାଯାଇଥିଲା। ନିର୍ବାଚନ ଆଚରଣବିଧିରେ ଅନେକ ପରିବର୍ତ୍ତନ ହୋଇଥିବା ଅତିରିକ୍ତ ଜିଲାପାଳ କହିବା ସହ ଏହାକୁ କଡାକଡି ଭାବେ ପାଳନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପରେ କୌଣସି ନୂଆ କାମ ଆରମ୍ଭ ହୋଇପାରିବନି। ତେବେ ଚାଲିଥିବା କାମ ଉପରେ କୌଣସି କଟକଣା ନ ଥିବା ଡୁଡା ପିଡି ହୋତା କହିଥିଲେ। ଏହି ସମୟରେ ଲାଉଡ ସ୍ପିକର, ରାଲି, ସଭା ପାଇଁ ଅନୁମତି ନେଇ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା ପାଳନ କରିବାକୁ କୁହାଯାଇଛି। ଏଥିସହ ମଦ ଦୋକାନ ଓ ମଦ ପ୍ରସ୍ତୁତ ଫ୍ୟାକ୍ଟ୍ରିସମ୍ପର୍କରେ ତଥ୍ୟ ସଂଗ୍ରହ ପାଇଁ ୨୪ ଘଣ୍ଟା ସିସି କ୍ୟାମେରା ସେଠାରେ ଲାଗିବ। ଏବେଠୁ ବେଆଇନ ମଦ ବିକ୍ରି ଉପରେ ନଜର ରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅତିରିକ୍ତ ଜିଲାପାଳ କହିଥିଲେ। ଆଚରଣବିଧି ଲାଗୁ ହେବାପରେ ସବୁ ପ୍ରଚାରର ଭିଡିଓଗ୍ରାଫି, ଫଟୋ ଉତ୍ତୋଳନ କରାଯିବ। ଏହାର ରେକର୍ଡିଂ ଡିଭିଡି ୩୦୦ ଟଙ୍କା ଦେଇ ଲୋକେ ନେଇ ପାରିବେ। ଫଳରେ ସ୍ୱଚ୍ଛତା ଆସିବ ବୋଲି କୁହାଯାଇଛି। ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନକାରୀଙ୍କୁ ନୋଟିସ କରାଯିବ। ଷ୍ଟାର କମ୍ପାନୀଗୁଡିକ ନିଜ ପାଖରେ ୧ ଲକ୍ଷ ଟଙ୍କା ରଖିପାରିବେ। ଏଥିରେ ଡିଆରଡିଏ ପିଡି ପ୍ରିୟରଞ୍ଜନ ପୃଷ୍ଟି, ଡିଏସ୍‌ପି କେଶବ ଚନ୍ଦ୍ର ବେହେରା, ଛତ୍ରପୁର ଏସ୍‌ଡିପିଓ ରମେଶ ଚନ୍ଦ୍ର ସେଠୀଙ୍କ ସମେତ ପୋଲିସ ଅଧିକାରୀ ଓ ଥାନା ଆଇଆଇସି ଯୋଗଦେଇଥିଲେ। ପରେ ମାଜିଷ୍ଟ୍ରେଟ ତଥା ତହସିଲଦାରମାନଙ୍କୁ ମଧ୍ୟ ନିର୍ବାଚନ ଆଚରଣବିଧି ଓ ମନିଟରିଂ ଉପରେ ଅବଗତ କରାଯାଇଥିଲା।

## ଛାତ୍ର, ଯୁବ ବିଜେଡିର ଖବରଦାତା ସମ୍ମିଳନୀ

ବାଲିଗୁଡା,୨୨।୧(ଡି.ଏନ୍.ଏ.)

ବାଲିଗୁଡା ବିଜେଡି କାର୍ଯ୍ୟାଳୟରେ ମଙ୍ଗଳବାର ଅପରାହ୍ନରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ର ସରକାରଙ୍କ ଜନଜାତି, ଅନୁସୁଚିତ ଜନଜାତି ଛାତ୍ରୀଛାତ୍ର ବିରୋଧୀ ନୀତିକୁ ଯୁବଛାତ୍ର ନେତାମାନେ ସମାଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଜେଡି ଯୁବଛାତ୍ର ଜନତାଦଳର ରାଜ୍ୟ ଉପସଭାପତି ଦୁର୍ଗା ସାମନ୍ତରାଏ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ସଭାପତି ସରୋଜ କର୍ଣ୍ଣ ଯୋଗଦେଇ କେନ୍ଦ୍ରର ଭାଜପା ସରକାର ଓଡିଶାର ଜନଜାତି ଓ ଅନୁସୁଚିତ ଜନଜାତି ଛାତ୍ରଛାତ୍ରୀମାନଙ୍କ ପ୍ରତି ଘୋର ଅନ୍ୟାୟ କରିଥିବା କହିଥିଲେ। ଏହି ଛାତ୍ରଛାତ୍ରୀ ମାନେ ପାଉଥିବା ଷ୍ଟାଇପେଣ୍ଟକୁ କେନ୍ଦ୍ର ସରକାର ଦେଉଥିବା ଅନୁଦାନ ଦୁଇବର୍ଷ ଧରି ବନ୍ଦ କରି ଦେଇଛନ୍ତି। ୨ ବର୍ଷଧରି ରାଜ୍ୟ ସରକାର ଏହା ଛାତ୍ରୀଛାତ୍ରଙ୍କୁ ଦେଇ ଆସୁଛନ୍ତି। ଏହାକୁ ବିରୋଧ କରି ବାଲିଗୁଡାର ତ୍ରିବେଦୀ ପାର୍କ ନିକଟରେ ଦସ୍ତଖତ ଅଭିଯାନ ସହ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି କହିଛନ୍ତି। ବାଲଗୁଡା ବ୍ଲକ ସଭାପତି ଟୁନା ଦାସ, ବିଧାୟକ ରାଜୀବ ପାତ୍ର,ଏନଏସି ଉପାଧକ୍ଷ ଲୋକନାଥ ପାଢୀ, ନଗର ସଭାପତି ପ୍ରତାପ ଦିଗାଳ, ଯୁବ ସଭାପତି ରଞ୍ଜନ ନାୟକ(ମିଟୁ) ଓ ଅନ୍ୟ ବିଜେଡିକର୍ମୀମାନେ ଉପସ୍ଥିତ ଥିଲେ।

## ହିଞ୍ଜିଳିକାଟୁ ପଞ୍ଚାୟତ ସମିତି ବୈଠକ




ବୈଠକରେ ମଞ୍ଚାସୀନ ଅଧକ୍ଷ ଓ ଅନ୍ୟମାନେ।

ହିଞ୍ଜିଳିକାଟୁ,୨୨।୧(ଡି.ଏନ୍.ଏ.)

ହିଞ୍ଜିଳିକାଟୁ ପଞ୍ଚାୟତ ସମିତିର ସାଧାରଣ ବୈଠକ ମଙ୍ଗଳବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଏନ. ରଘୁନାଥଙ୍କ ପୌରୋହିତ୍ୟରେ ଏହି ବୈଠକକୁ ବିଡ଼ିଓ ପ୍ରସନ୍ନ କୁମାର ପାତ୍ର ସଂଯୋଜନା କରିଥିଲେ। ଉପାଧକ୍ଷା ଗୀତାଞ୍ଜଳି ପଣ୍ଡା, ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ସୁରେନ୍ଦ୍ର ପ୍ରଧାନ, ଏବିଡ଼ିଓ ଧରଣୀଧର ଭୂୟାଁ, ସହକାରୀ ଯନ୍ତ୍ରୀ ହେମନ୍ତ କୁମାର ହୋତା ମଞ୍ଚାସୀନ ଥିଲେ। ଗ୍ରାମ ସମ୍ପ୍ରସାରଣ ଅଧିକାରୀ ବିଜୟ କୁମାର ପ୍ରଧାନ ପୂର୍ବ ବୈଠକରେ ଅନୁଷ୍ଠିତ ନିର୍ଦ୍ଧାରିତ ପାଠ କରିଥିଲେ। ଗତ ବୈଠକରେ ଗ୍ରହଣ କରାଯାଇଥିବା ବିଭିନ୍ନ ନିଷ୍ପତି ନେଇ ବିଡ଼ିଓ ପାତ୍ର ଜନ ପ୍ରତିନିଧି ମାନଙ୍କୁ ସୂଚିତ କରାଇଥିଲେ। ସରକାରଙ୍କ ବିଭିନ୍ନ ସାମାଜିକ କଲ୍ୟାଣ ଯୋଜନା ଓ ଉନ୍ନୟନ ଯୋଜନା ଯଥା କାଳିଆ, ଏଲ୍‌ଇଡି ବଲ୍‌ବ, ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଇତ୍ୟାଦି ନେଇ ଆଲୋଚନା ହୋଇଥିଲା। ପଞ୍ଚାୟତ ଗୁଡ଼ିକରେ ନୂତନ ଉନ୍ନୟନ ଯୋଜନା ନେଇ ନିର୍ବାଚିତ ପ୍ରତିନିଧିମାନେ ପ୍ରସ୍ତାବ ଦେଇଥିଲେ। ବୈଠକରେ ସିଡ଼ିପିଓ ଶୁଭଶ୍ରୀ ପାତ୍ର, ସାଉଥକୋ ସହକାରୀ ଯନ୍ତ୍ରୀ ସତ୍ୟ ନାରାୟଣ ଦାଶ, ସହକାର କୃଷି ଅଧିକାରୀ ପ୍ରଶାନ୍ତ କୁମାର ନାଥ, ଅମର ପ୍ରସାଦ ସାହୁ, ଉଦ୍ୟାନ ବିଭାଗ ଅଧିକାରୀ ଶୁଭସ୍ମିତା ସାହୁ, ଫରେଷ୍ଟର ପ୍ରଦୀପ କୁମାର ପଣ୍ଡା, ଡ. ପ୍ରବୀଣ କୁମାର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କେ. ନିମାଇଁ ଚରଣ ମହାପାତ୍ରଙ୍କ ସହ ବିଭିନ୍ନ ବିଭାଗର ଯନ୍ତ୍ରୀ, ଅଧିକାରୀ ଉପସ୍ଥିତ ଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଆଲୋଚନାରେ ଭାଗ ନେଇଥିଲେ।

## ଚିକିତ୍ସା ଭିତ୍ତିକ ଯୋଗାଭ୍ୟାସ ଶିବିର

ଆସିକା,୨୨।୧(ଡି.ଏନ୍.ଏ.)

ଆସିକା ପତଞ୍ଜଳି ଯୋଗ ସମିତି ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଟାଉନ ହଲ ପରିସରରେ ଏକ ଚିକିତ୍ସା ଭିତ୍ତିକ ଯୋଗାଭ୍ୟାସ ଶିବିର ଆରମ୍ଭ ହୋଇଛି। ଏହି ଶିବିର ୫ଦିନ ଧରି ଚାଲିବ। ଉଦ୍‌ଘାଟନୀ ଉତ୍ସବରେ ଆସିକା ବିଡିଓ ଗାୟତ୍ରୀଦତ୍ତ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମାଜରେ ରୋଗମୁକ୍ତ, ସୁସ୍ଥ ଜୀବନଧାରଣ ସକାଶେ ଯୋଗର ଆବଶ୍ୟକତା ଏକାନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଏଣୁ ସମସ୍ତେ ଯୋଗାଭ୍ୟାସ ପୂର୍ବକ ସୁସ୍ଥ ଜୀବନଧାରଣ ସକାଶେ ଆଗଭର ହେବାଲାଗି ସମିତି ପକ୍ଷରୁ ଆହ୍ୱାନ କରାଯାଇଥିଲା। ଯୋଗ ପ୍ରଶିକ୍ଷକ ପ୍ରସନ୍ନ କୁମାର ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏବଂ ଗୁଣ୍ଡିଚା ମହାରଣାଙ୍କ ସହଯୋଗରେ ଏହି ଶିବିର ପରିଚାଳିତ ହେଉଛି। ଟାଉନହଲ କମିଟି ସଭାପତି ଦିଲିପ କୁମାର ପାଣିଗ୍ରାହୀ ଏବଂ ସମ୍ପାଦକ ତାରିଣୀ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ଉଦ୍‌ଘାଟନୀ ଦିବସରେ ଆସିକା ତଥା ଆଖପାଖ ଗ୍ରାମର ଶତାଧିକ ମହିଳା ପୁରୁଷ ଅଂଶଗ୍ରହଣ କରିଥିଲେ।

## ମୋ ଭବିଷ୍ୟତ ସୁରକ୍ଷା ଦସ୍ତଖତ ଅଭିଯାନ



ପ୍ରତିବାଦ ସଭାରେ ଉପସ୍ଥିତ ବିଜେଡି ନେତୃବୃନ୍ଦ।

ଜି.ଉଦୟଗିରି,୨୨।୧(ଡି.ଏନ.ଏ.)

ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରୀଛାତ୍ରମାନଙ୍କ ଛାତ୍ରବୃତ୍ତି ୯୦ ପ୍ରତିଶତରୁ ୨୦ ପ୍ରତିଶତକୁ କମାଇଥିବା କେନ୍ଦ୍ର ସରକାରଙ୍କ ବିରୋଧରେ ମଙ୍ଗଳବାର ଜି.ଉଦୟଗିରି ନିର୍ବାଚନ ମଣ୍ଡଳୀସ୍ତରୀୟ ଯୁବ ଛାତ୍ର ବିଜେଡି ପକ୍ଷରୁ ଚକରା ବିଷୋୟୀ ଛକରେ ପ୍ରତିବାଦ ସଭା କରିବା ସହ ମୋ ଭବିଷ୍ୟତ ସୁରକ୍ଷା ପାଇଁ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ଛାତ୍ରୀଛାତ୍ର ସ୍ୱାକ୍ଷର କରିବା ସହ କେନ୍ଦ୍ର ସରକାରଙ୍କ ଅବିଚାର ପ୍ରତିବାଦରେ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ବିଶୋଦଗାର କରିଥିଲେ ବିଜେଡି ନେତାମାନେ। ବିଜେଡି ଜିଲା ସଭାପତି ସରୋଜ କର୍ଣ୍ଣଙ୍କ ନେତୃତ୍ୱରେ ଆୟୋଜିତ ଏହି ଅଭିଯାନରେ ଜିଲା ପରିଷଦ ଅଧକ୍ଷା ଆକାଂକ୍ଷା ପ୍ରଧାନ, ଜିଲା ଯୁବ ବିଜେଡି ସଭାପତି ପ୍ରଦୀପ ପ୍ରଧାନ, ରାଜ୍ୟ ବିଜେଡି ମହିଳା ସମ୍ପାଦିକା ଜାଲିନା ପ୍ରିୟଦର୍ଶିନୀ, ଜିଲା ସମ୍ପାଦକ କାଳୁ ଚରଣ ପଣ୍ଡା, ପୂର୍ବତନ ଏନ୍‌ଏସି ଅଧକ୍ଷ ପି. ସଞ୍ଜିବ କୁମାର ପାତ୍ର, ଏନଏସି ବିଜେଡି ସଭାପତି କୃଷ୍ଣ କୁମାର ପଣ୍ଡା, ବ୍ଲକ ସଭାପତି ସୀମାଞ୍ଚଳ ନାୟକ, ଏନ୍‌ଏସି ପୂର୍ବତନ ଉପାଧକ୍ଷା ଭାନୁପ୍ରଭା ମିଶ୍ର, ପୂର୍ବତନ କାଉନସିଲର ସମୀର କୁମାର ପାଢ଼ୀ, ଅନୀଲ କୁମାର ଦଳ ବେହେରା, ଜିଲା ମହିଳା ସଭାନେତ୍ରୀ ଅନିମା କହଁର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଅତିରିକ୍ତ ଜିଲା ଦୌରା ଜଜ୍‌ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଖଲ୍ଲିକୋଟ,୨୨।୧(ଡି.ଏନ୍.ଏ.)

ଖଲ୍ଲିକୋଟ ସ୍ଥିତ କୋର୍ଟ ପରିସରରେ ମଙ୍ଗଳବାର ବାର ଆସୋସିଏଶନ୍ ପକ୍ଷରୁ ରାଜେନ୍ଦ୍ର ପ୍ରସାଦ ରଥଙ୍କ ପୌରୋହିତ୍ୟରେ ନୂତନ ଭାବେ ଯୋଗଦେଇଥିବା ଏଡିଜେ ଶ୍ରୀନିବାସ ପ୍ରତିହାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି। ଜେଏମ୍‌ଏଫ୍‌ସି ଜନ୍ମେଞ୍ଜୟ ପଲେଇ, ସବ୍‌ଜଜ୍- ପ୍ରଶାନ୍ତ କୁମାର ବେହେରା, ଏଡିଜେ ପ୍ରତିହାରି ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ କୁମାର ପଣ୍ଡା ଖଲ୍ଲିକୋଟ ବାର ଇତିହାସ ଏହାର ପରମ୍ପରା ଏବଂ ସୁସମ୍ପର୍କ ଉପରେ ସୂଚନ ଦେଇଥିଲେ। ଖଲ୍ଲିକୋଟରେ ଏହି କୋର୍ଟ ହେବା ଦ୍ୱାରା ଜନସାଧାରଣ ନ୍ୟାୟ ପାଇବାର ସୁବିଧା ହାସଲ କରିବେ ବୋଲି ଜେଏମ୍‌ଏଫ୍‌ସି ପଲେଇ ଏବଂ ସବ୍‌ଜଜ୍ ପ୍ରଶାନ୍ତ କୁମାର ବେହେରା କହିଥିଲେ। ଅତିରିକ୍ତ ଜିଲା ଦୌରା ଜଜ୍ ପ୍ରତିହାରୀ ଖଲ୍ଲିକୋଟ ବାରକୁ ପ୍ରଶଂସା କରିବା ସହ ତାଙ୍କ ରହଣି ସମୟରେ ବାର ଓ ବେଞ୍ଚର ସୁସମ୍ପର୍କ ରହିବା ସହ କିପରି ଏଡିଜେ କୋର୍ଟ ସୁନ୍ଦର ଭାବେ ପରିଚାଳନା ହେବା ତାରି ଉପରେ ଗୁରୁତ୍ୱ ରହିବ ବୋଲି ପ୍ରକାଶ କରିଥିଲେ।



ମଞ୍ଚାସିନ ଅତିଥି।

## ବାଦପୁରରେ କୃଷକ ସଂଘର ବୈଠକ

ପାତ୍ରପୁର,୨୨।୧(ଡି.ଏନ୍.ଏ.): ବାଦପୁରସ୍ଥିତ ରାମେଶ୍ୱର ମନ୍ଦିରରେ ମଙ୍ଗଳବାର ବ୍ଲକ ସ୍ତରୀୟ କୃଷକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁରେଶ ଚନ୍ଦ୍ର ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ବୈଠକରେ କୃଷକ ମାନଙ୍କର ବିଭିନ୍ନ ବିଷୟ ଉପରେ ଆଲୋଚନା ହୋଇଥିଲା। ନବ ନିର୍ମାଣ କୃଷକ ସଙ୍ଗଠନ ସହ ବ୍ଲକ କୃଷକ ସଂଘକୁ ସାମିଲ ନେଇ ନିଷ୍ପତି ନିଆଯାଇଥିଲା। ଏନେଇ ପ୍ରତି ପଞ୍ଚାୟତରେ କୃଷକମାନଙ୍କ ସହ ଆଲୋଚନା କରିବା ସହ ଆସନ୍ତା ୫ ତାରିଖରେ କୁଲୁଣ୍ଡାଠାରେ ଜରଡା ଜୋନର ଏକ ସାଧାରଣ ସଭା କରାଯିବ ବୋଲି ନିଷ୍ପତି ନିଆଯାଇଥିଲା। ସେହିଭଳି ପାତ୍ରପୁର ଓ ସୁରଙ୍ଗି ଜୋନର ବୈଠକ କରି ଚାଷୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ପାଇଁ ନିଷ୍ପତି ହୋଇଥିଲା। ଏଥିରେ କାମେଶ୍ୱର ମହାପାତ୍ର, ଲଡୁ କିଶୋର ମହାନ୍ତି, ଭଗବତୀ ପ୍ରସାଦ ପାଣିଗ୍ରାହୀ, ପ୍ରସାଦ ପତି, ଚିନ୍ତାମଣି ସାହ ପ୍ରମୁଖଙ୍କ ସହ ଚାଷୀ ମାନେ ଉପସ୍ଥିତ ଥିଲେ।

## ନିମ୍ନମାନର କାମ ନେଇ ରାସ୍ତା କାର୍ଯ୍ୟ ବନ୍ଦ କଲେ ଗ୍ରାମବାସୀ

ବୁଗୁଡ଼ା,୨୨।୧(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ଖୋଳଖାଲିରେ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ ଏକ ରାସ୍ତା କାମ ନିମ୍ନମାନର ହେଉଥିବାରୁ ଏହାର ବିରୋଧ କରି ମଙ୍ଗଳବାର ଉକ୍ତ ଗ୍ରାମବାସୀ କାମକୁ ବନ୍ଦ କରିଛନ୍ତି। ଉକ୍ତ ରାସ୍ତା କାମର ଶିଳାନ୍ୟାସ ୧୦ ଜାନୁୟାରୀ ୨୦୧୮ରେ ଆରମ୍ଭ ହୋଇଥିଲା । ଏହାକୁ ଆସନ୍ତା ୨୪ ଜାନୁୟାରୀରେ ଶେଷ କରିବାକୁ ନିର୍ଦ୍ଧାରିତ ହୋଇଥିଲା। ରାସ୍ତା କାମ ସରିବା ପାଇଁ ଆଉ ଗୋଟିଏ ଦିନ ବାକି ଥିଲା। ମଙ୍ଗଳବାର ଏହି ରାସ୍ତାରେ ପିଚୁ କାମ ଚାଲିଥିଲା, ତେବେ ଏହି କାମ ନିମ୍ନମାନର ହେଉଥିବା ଜାଣି କିଛି ଗ୍ରାମବାସୀ ପହଞ୍ଚି ଏହାର ପ୍ରତିବାଦ କରି କାମକୁ ବନ୍ଦ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଯେ, ସହକାରୀ ଯନ୍ତ୍ରୀ କିମ୍ବା ନିର୍ବାହୀ ଯନ୍ତ୍ରୀ ଘଟଣାସ୍ଥଳକୁ ଆସିଲେ ଏହି କାମ ଆରମ୍ଭ ହେବ। ନଚେତ୍ ସେମାନେ କରାଇ ଦେବେ ନାହିଁ ବୋଲି କହିଥିଲେ । ଅପରାହ୍ନ ଯାଏ କୌଣସି ବିଭାଗୀୟ ଯନ୍ତ୍ରୀ ସେଠାରେ ପହଞ୍ଚି ନାହାନ୍ତି ।



ରାସ୍ତାକାମ ବନ୍ଦ କରୁଛନ୍ତି ଗ୍ରାମବାସୀ।

## ୭୫ ଲକ୍ଷର ବିଲ୍‌ଡିଂ କାମରେ ଆସୁନି

# ସ୍କୁଲ ବାରଣ୍ଡାରେ ପଢୁଛନ୍ତି ଛାତ୍ରୀଛାତ୍ର

ବେଗୁନିଆପଡା,୨୨।୧(ଡି.ଏନ.ଏ.)



ନିର୍ମାଣାଧିନ ରାମ୍‌ସା ବିଲଡିଙ୍ଗ।



ପିଲାମାନେ ବାରଣ୍ଡାରେ ପାଠ ପଢୁଛନ୍ତି।

ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ 'ସଭିଏଁ ପଢନ୍ତୁ, ସଭିଏଁ ବଢନ୍ତୁ' ନାରାଦେଇ ସମସ୍ତଙ୍କ ନିକଟରେ ଶିକ୍ଷା ପହଞ୍ଚାଇବାକୁ ବହୁ ଯୋଜନା କରିଛନ୍ତି। ମାଗଣା ପୋଷାକ, ପୁସ୍ତକ, ମଧ୍ୟାହ୍ନ ଭୋଜନ, ସାଇକେଲ ମଧ ଯୋଗାଇ ଦେଉଛନ୍ତି। ମାତ୍ର ଶିକ୍ଷା କ୍ଷେତ୍ରରେ କେତେକ ମୌଳିକ ଅସୁବିଧା ପ୍ରତି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ରହୁ ନ ଥିବାରୁ ବହୁସ୍ଥାନରେ ଗୁଣାତ୍ମକ ଶିକ୍ଷା ବାଧାପ୍ରାପ୍ତ ହେଉଛି।

ଏହିଭଳି ଏକ ଘଟଣା ଘଟିଛି ଗଞ୍ଜାମ ଜିଲା ବେଗୁନିଆପଡା ବ୍ଲକ ବଡଖଇରଖମା ଠାରେ। ଏହିଗ୍ରାମରେ ଏକ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ପ୍ରଥମ ଠାରୁ ୧୦ମ ଶ୍ରେଣୀରେ ମୋଟ ୧୮୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୧୦ଟି ଶ୍ରେଣୀକୁ ୬ ଜଣ ଶିକ୍ଷକ ଏବଂ ୪ଟି ଶ୍ରେଣୀ କକ୍ଷ ରହିଛି। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ପିଲାଙ୍କୁ ବିଦ୍ୟାଳୟ ବାରଣ୍ଡାରେ ପଢ଼ା ଯାଉଥିବା ବେଳେ ଅନ୍ୟ ଚାରୋଟି ଶ୍ରେଣୀ କକ୍ଷରେ ୨ଟି ଲେଖାଏ ଶ୍ରେଣୀର ପିଲା ପଢୁଛନ୍ତି। ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ (ରାମ୍‌ସା) ପକ୍ଷରୁ ୭୫ ଲକ୍ଷ ଟଙ୍କାରେ ଏକ ବିଲ୍‌ଡିଂ ନିର୍ମାଣ ହୋଇ ଘାସ ଉଠିଲାଣି। ମାତ୍ର ପାନୀୟ ଜଳ ଓ ବିଦ୍ୟୁତିକରଣ ହୋଇନଥିବାରୁ ପ୍ରଧାନ ଶିକ୍ଷକଙ୍କୁ ହସ୍ତାନ୍ତର ହୋଇନାହିଁ। ସରକାରୀ କର୍ମଚାରୀ ଠାରୁ ଆରମ୍ଭ କରି ରାଜନେତା ପର୍ଯ୍ୟନ୍ତ କାହାରି ହେଲେ ଆନ୍ତରିକତା ନଥିବା ଭଳି ମନେ ହେଉଛି।

ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ଏନ. ଡମ୍ବୁରୁଧର ପ୍ରଧାନଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ, ଶ୍ରେଣୀଗୃହ ଅଭାବ, ପାନୀୟ ଜଳ ଓ ବିଦ୍ୟୁତର ଅଭାବ ରହିଛି। ରାମ୍‌ସା ବିଲଡିଙ୍ଗ ଦୀର୍ଘଦିନ ହେଲା ସରିଥିଲେ ମଧ ଆମକୁ ହସ୍ତାନ୍ତର କରାଯାଇନାହିଁ। ଅନ୍ୟପକ୍ଷରେ ୬ ଜଣ ଶିକ୍ଷକରେ ୧୦ଟି ଶ୍ରେଣୀକୁ ପଢ଼ାଇବା କଷ୍ଟକର ହେଉଛି। ବିଜ୍ଞାନ ଶିକ୍ଷକ ନଥିବାରୁ ହାଇସ୍କୁଲର ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଏ ସମ୍ପର୍କରେ ନଗର ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ରାଜେନ୍ଦ୍ର ପ୍ରଧାନଙ୍କ ସହ ଯୋଗାଯୋଗରେ ସେ କହିଥିଲେ ଘର କାମ ସରିଛି। ଜନସ୍ୱାସ୍ଥ୍ୟ ବିଭାଗ ଜଳଯୋଗାଣ ଓ ବିଦ୍ୟୁତକରଣ କରି ନ ଥିବାରୁ ହସ୍ତାନ୍ତର କରାଯାଇନି। ପିଏଚଡି ବିଭାଗକୁ ବାରମ୍ବାର ଜଣାଇଛୁ। ପିଏଚଡି କନିଷ୍ଠ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ହୋଇପାରି ନ ଥିଲା। ଏ ସମ୍ପର୍କରେ ଗୋଷ୍ଠୀ ଶିକ୍ଷାଧିକାରୀ କମଳକାନ୍ତ ସାହୁଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ ମୁଁ ନୂଆକରି ଆସିଛି। ଏ ସମ୍ପର୍କରେ ବୁଝିବା ସହ କଣ କରିହେବ ନିଶ୍ଚିତ ଭାବେ ସମାଧାନ କରିବାକୁ ଚେଷ୍ଟା କରିବି।

## ସଂକ୍ଷେପରେ

### ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି

ବୈପାରୀଗୁଡ଼ା,୨୨।୧(ଡି.ଏନ୍.ଏ.): ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟରେ ମଙ୍ଗଳବାର ବ୍ଲକସ୍ତରୀୟ ସାଧାରଣନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ ଅଧକ୍ଷା ସରୋଜିନୀ କାଣ୍ଡିକି ଅଧକ୍ଷତା କରିଥିବା ବେଳେ ବିଡିଓ ସୁବାସ ଚନ୍ଦ୍ର ସିଂ, ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ସୁବାସ ମିଶ୍ର ଏବଂ ସହକାରୀ ଯନ୍ତ୍ରୀ ରେଣୁକା ଠାକୁର ଯୋଗ ଦେଇଥିଲେ। ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ ହୋଇଥିଲା।

### ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ




ବୈପାରୀଗୁଡ଼ା,୨୨।୧(ଡି.ଏନ୍.ଏ.): ମଙ୍ଗଳବାର ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ତହସିଲଦାର ଜ୍ୟୋତି ପ୍ରକାଶ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ସଭାରେ ସଂପୃକ୍ତ ଅନୁଷ୍ଠାନର ଅଧକ୍ଷ କୁମୁନ୍ଦ ରଞ୍ଜନ ମହାରଣା ଅଧକ୍ଷତା କରିଥିଲେ। ଗତ ୨୧ ତାରିଖରୁ ଶିବିର ଆରମ୍ଭ ହୋଇଥିଲା ବେଳେ ଏଥିରେ ୧୦୦ ଜଣ ଛାତ୍ରୀ ପ୍ରଶିକ୍ଷଣ ନେଉଥିଲେ। ଶିବିର ସଂଯୋଜକ ତଥା ଇଂରାଜୀ ଅଧାପକ ଭଗବାନ ପ୍ରଧାନ ଏହାକୁ ପରିଚାଳନା କରିଥିଲେ।

### ଅଗ୍ନିଶମ ବିଭାଗର ମକ୍ ଡ୍ରିଲ

ପଟ୍ଟାଙ୍ଗି,୨୨।୧(ଡି.ଏନ୍.ଏ.): ପଟ୍ଟାଙ୍ଗି ଅଗ୍ନିଶମ ବିଭାଗ ପକ୍ଷରୁ ପୁଙ୍ଗାର ଏକଲବ୍ୟ ଆବାସିକ ବିଦ୍ୟାଳୟରେ ଏକ ମକ ଡ୍ରିଲ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଷ୍ଟେସନ ଅଧିକାରୀ ବଳରାମ ପ୍ରଧାନଙ୍କ ଅଧକ୍ଷତାରେ ମୁଖ୍ୟ ଆଗ୍ନିକ ସନ୍ତୋଷ ବେହେରା ଗାଁ, ଘର କିମ୍ବା ବିଦ୍ୟାଳୟରେ ଅଗ୍ନିକାଣ୍ଡ ଘଟିଲେ କିପରି ଧନ ଜୀବନ ଉଦ୍ଧାର କରାଯାଇ ପାରିବ, ସେନେଇ ବିଭାଗର ଡ୍ରାଇଭର ବିଜୟାନନ୍ଦ ଭୋଲ, ବିଷ୍ଣୁପ୍ରସନ୍ନ ନାୟକ, କୃଷ୍ଣଚନ୍ଦ୍ର ପାତ୍ର, ପ୍ରେମାନନ୍ଦ ଝାଙ୍ଗର, ନିରଜ ମାଝି ବିଭିନ୍ନ କୌଶଳ ଦେଖାଇଥିଲେ। ପ୍ରାକୃତିକ ବିପର୍ଯ୍ୟୟରେ ଲୋକଙ୍କୁ ଉଦ୍ଧାର କରିବା, ନିଆଁ ଲିଭାଇବା ଓ ଉଚ୍ଚ ଅଟ୍ଟାଳିକାରୁ ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରିବା ନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ବିଦ୍ୟାଳୟ ଅଧକ୍ଷ ଗୋଲକ ଚନ୍ଦ୍ର ମଲ୍ଲିକ, ଶିକ୍ଷକ ପ୍ରତାପ ପଟ୍ଟନାୟକ, ସନ୍ତୋଷ ଶତପଥୀ, ସତ୍ୟବ୍ରତ ରାଉତ, ଅଭିଜିତ ପରିଡ଼ା, ପ୍ରଶାନ୍ତ ଦାସ ଓ ଶିକ୍ଷୟିତ୍ରୀ ଗୀତାଞ୍ଜଳି ବଛ, ତେଜସ୍ୱିନୀ ଝାଙ୍କର ଏବଂ ଖେଳ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ପଣ୍ଡା ଉପସ୍ଥିତ ଥିଲେ।

### ଆତ୍ମରକ୍ଷା ତାଲିମ ଶିବିର



କୁନ୍ଦୁରା, ୨୨।୧(ଡି.ଏନ୍.ଏ.): ସ୍ଥାନୀୟ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟରେ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କୁନ୍ଦୁରା ସରପଞ୍ଚ ପାର୍ବତୀ ମିନରବାଲିଆ, ଭୁସଙ୍ଗଗୁଡା ସରପଞ୍ଚ ଜୟନ୍ତୀ ନାୟକ, ଓଡିଆ ଅଧାପିକା ଜୟଶ୍ରୀ ମହାନ୍ତି, ଇତିହାସ ଅଧାପିକା ଅଜିତା ପଣ୍ଡା, କାର୍ଯ୍ୟକ୍ରମ ସଂଯୋଜିକା ରଶ୍ମିତା ପ୍ରଧାନ ଉପସ୍ଥିତ ଥିଲେ। ଆତ୍ମରକ୍ଷା ତାଲିମ ପ୍ରତ୍ୟେକ ବାଳିକା ନେବା ଆବଶ୍ୟକ। ସମାଜରେ ନିଜର ସ୍ଥିତି ଜାହିର କରିବାକୁ ଏହା ଏକ ବଳିଷ୍ଠ ମାଧମ ବୋଲି ମୁଖ୍ୟ ଅତିଥି କହିଥିଲେ। ସୁଶିଳା ମୁଦୁଲି, ମମତା ହରିଜନ ଏବଂ ସୁଶାନ୍ତି ହରିଜନ ୧୨୦ଜଣ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଅଧାପକ ସୁଶାନ୍ତ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କୋଟପାଡ଼ ପ୍ରେସ୍‌କ୍ଲବ ଗଠିତ

କୋଟପାଡ଼/ଚାନ୍ଦିଲି,୨୨।୧(ଡି.ଏନ୍.ଏ.): କୋଟପାଡ଼ ପ୍ରେସ୍ କ୍ଲବ୍ ଗଠିତ ହୋଇଛି। ସଭାପତି ପଙ୍କଜ ପାତ୍ର, ଉସଭାପତି କେ. ରାଜଶେଖର ରାଓ, ସମ୍ପାଦକ ଶଙ୍କର ପ୍ରସାଦ ପଣ୍ଡା, ସହ ସମ୍ପାଦକ ସନାତନ ଦାସ, କୋଷାଧକ୍ଷ ଦେବୀ ପ୍ରସାଦ ପଣ୍ଡା ଏବଂ ଉପଦେଷ୍ଟା ଭାବେ ମୁକ୍ତେଶ୍ୱର ନାୟକଙ୍କୁ ମନୋନୀତ କରାଯାଇଛି। କାର୍ଯ୍ୟକାରୀ ସଦସ୍ୟ ଭାବେ ବସନ୍ତ ପୋଗତ, ଡି. ମାଛ, ଭବାନୀ ପାଢ଼ୀ, ହରିଶ ପଟ୍ଟନାୟକ, ଉମେଶ ମଲିକ, ଖଗପତି ପାତ୍ର, ଜ୍ଞାନେନ୍ଦ୍ର ପଟ୍ଟନାୟକ, ପ୍ରଦୀପ ବକ୍ସିଙ୍କୁ ଚୟନ କରାଯାଇଛି। ଖବରଦାତାଙ୍କ ସମସ୍ୟା ନେଇ କ୍ଲବ୍ ସରକାରଙ୍କୁ ଦାବି ଜଣାଇବ ବୋଲି ନୂତନ ସଭାପତି କହିଛନ୍ତି।

# ପାଣିପଞ୍ଚାୟତ ପକ୍ଷ ଉଦ୍‌ଯାପିତ



ଉଦଯାପନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଧିକାରୀମାନେ।

କୋରାପୁଟ,୨୨।୧(ସ୍ୱ.ପ୍ର.)

ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ପ୍ରଶାସନ ଓ ପାଣି ପଞ୍ଚାୟତ ସଦସ୍ୟଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ବିଭାଗୀୟ ଯୋଜନା ଚାଷୀଙ୍କ କାର୍ଯ୍ୟରେ ଆସୁନାହିଁ। କାର୍ଯ୍ୟକ୍ରମରେ ଉପସ୍ଥିତ ପାଣି ପଞ୍ଚାୟତର ସଭାପତିମାନେ ଅଭିଯୋଗ କରିଛନ୍ତି।

କୋରାପୁଟ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାରେ ଥିବା ପାଣି ପଞ୍ଚାୟତ ମାଧମରେ କୃଷି ଓ କୃଷକର ଉନ୍ନତି ହୋଇପାରୁଛି ବୋଲି କହିଥିଲେ। ବର୍ତ୍ତମାନ ଜିଲାରେ ଥିବା ୧୨୧୮ଟି ପାଣି ପଞ୍ଚାୟତ ଦ୍ୱାରା ୨୫,୪୮୩ ହେକ୍ଟର ଜମି ଜଳସେଚିତ ହେଉଛି। ବିଭାଗୀୟ ଅଧିକାରୀ ବିଭିନ୍ନ ଜଳସେଚନ ପ୍ରକଳ୍ପ ଗଠନ କରିବା ବେଳେ ସ୍ଥାନୀୟ ପାଣିପଞ୍ଚାୟତର ସଦସ୍ୟଙ୍କ ମତାମତ ନେଉନଥିବା କୋଟପାଡ଼, କୁନ୍ଦୁରା, ବୋରିଗୁମ୍ମା, ଜୟପୁରରୁ ଆସିଥିବା ପାଣିପଞ୍ଚାୟତ ସଭାପତିମାନେ ଅଭିଯୋଗ କରିଥିଲେ। କୋଟପାଡ଼ରେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଜଳସେଚନ ପ୍ରକଳ୍ପ ଏବେ ଗାଧୁଆ କୁଣ୍ଡ ପାଲଟିଥିବା ଅଭିଯୋଗ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ଉଠା ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ରମେଶ ଚନ୍ଦ୍ର ପାତ୍ର, ଅପରକୋଲାବ ପ୍ରକଳ୍ପର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ ଦାସ, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଗିରିଶ ଚନ୍ଦ୍ର ଶତପଥୀ, ଏଇ ଆରତି କୁମାରୀ ଗିରି, ପାଣି ପଞ୍ଚାୟତର ଆପେକ୍ସ କମିଟି ସଭାପତି ବାଳକୃଷ୍ଣ ବିଶୋଇ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ସ୍ଥାନୀୟ ସଦ୍‌ଭାବନା ସଭାଗୃହ ସମ୍ମୁଖରେ ଜିଲା ପଶୁପାଳନ, ମତ୍ସ୍ୟ, କୃଷି ଓ ଉଦ୍ୟାନ ବିଭାଗର ଷ୍ଟଲକୁ ଅତିରିକ୍ତ ଜିଲାପାଳ ଶୁଭାରମ୍ଭ କରିଥିଲେ।

■ ୨୫ କୋଟିର ଦୁର୍ନୀତି ବିରୋଧରେ ନ୍ୟାୟ ଦାବି

# ୨୬ରେ ବିଧାନସଭା ଆଗରେ ଆତ୍ମାହୂତି ଧମକ

ଜୟପୁର,୨୨।୧(ନି.ପ୍ର.)

ଓଡ଼ିଶା ସମବାୟ କର୍ମଚାରୀ ମହାସଂଘ ସାଧାରଣ ସମ୍ପାଦକ ତଥା କେସିସି ବ୍ୟାଙ୍କର କର୍ମଚାରୀ ଦିଗାମ୍ବର ନାୟକ ୨୬ ତାରିଖରେ ବିଧାନସଭା ଆଗରେ ଆତ୍ମାହୂତି ଦେବାକୁ ଚେତାବନୀ ଦେଇଛନ୍ତି। ଏନେଇ ରାଜ୍ୟପାଳ, ସମବାୟ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଜିଲାପାଳ, ଏସ୍‌ପି ଓ କେସିସି ବ୍ୟାଙ୍କ ସମ୍ପାଦକଙ୍କୁ ସେ ପତ୍ର ପଠାଇଛନ୍ତି। କୋରାପୁଟ କେନ୍ଦ୍ରିୟ ସମବାୟ ବ୍ୟାଙ୍କର ଅଧିକାରୀଙ୍କ ଦ୍ୱାରା ୨୫ କୋଟି ଟଙ୍କାର ଦୁର୍ନୀତି, ବେଆଇନ ନିଯୁକ୍ତି ତଥା ପଦୋନ୍ନତି, ଡବଲ ଧାନ ଅର୍ଥ ପ୍ରଦାନ, ଧାନକିଣା ବାବଦକୁ ବେଆଇନ ମଣ୍ଡି ଲେବର ଚାର୍ଜ, ବେଆଇନ ବଦଳି ଓ ରେଜିଷ୍ଟ୍ରାର କମିଶନର, ନାବାର୍ଡ ଓ ବିଭିନ୍ନ ଅଦାଲତ ଆଦେଶର ଅବମାନନା, ୪୮ଟି ଲ୍ୟାମ୍ପର ୭୨ ଜଣଙ୍କଠାରୁ ୭୫ ଲକ୍ଷ ଟଙ୍କାର ଲାଞ୍ଚ ଆଦାୟ ଭଳି ଘଟଣାକୁ ଚାପିଦେବା ଓ ଏଭଳି ଅପଚେଷ୍ଟା କରୁଥିବା ବ୍ୟକ୍ତିଙ୍କ କାରନାମା ଗଣମାଧମରେ ଆସିଥିଲା। ଏହାପରେ ଦିଗାମ୍ବରଙ୍କୁ ୧୧ ଅଗଷ୍ଟ ୨୦୧୭ରେ ଆକ୍ରୋଶମୂଳକ ଭାବେ ନିଲମ୍ବନ କରାଯାଇଥିଲା। ତୁରନ୍ତ ଏହି ଆଦେଶ ପ୍ରତ୍ୟାହାର କରିବା ଓ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନହେଲେ ୨୬ ତାରିଖ ଆତ୍ମାହୂତି ଦେବେ ବୋଲି ଦିଗାମ୍ବର ପତ୍ରରେ ଚେତାବନୀ ଦେଇଛନ୍ତି।

# ମୋଟର କର୍ମଚାରୀ ସଂଘ କର୍ମକର୍ତ୍ତା ନିର୍ବାଚନ

ଦାମନଯୋଡ଼ି,୨୨।୧(ଡି.ଏନ୍.ଏ.)

ମାଥାଲପୁଟ ସ୍ଥିତ ଦାମନଯୋଡ଼ି ହେଭି ଓ ଲାଇଟ୍ ମୋଟର ଭେହିକିଲ କର୍ମଚାରୀ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଛି। ସଭାପତି ଭାବେ ୪ ଜଣ ପ୍ରାର୍ଥୀ ଜି. ଜଗନ୍ନାଥ ରାଓ, ପ୍ରଭୁଦାନ ଟାକ୍ରି, ତିଲକ ମାଳି, ସୋମନାଥ ଖରା ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ପ୍ରଭୁଦାନ ଟାକ୍ରି ୧୮୭ ଭୋଟ୍ ପାଇ ବିଜୟୀ ହୋଇଛନ୍ତି। ଉପସଭାପତି ଭାବେ ବୋଡୁ ଖିଲ ୧୬୭ ଖଣ୍ଡ ଭୋଟ୍ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅଡମିନ ଖରାଙ୍କୁ ହରାଇ ନିର୍ବାଚିତ ହୋଇଛନ୍ତି। ଏହି ପଦବୀ ପାଇଁ ମଧ୍ୟ ୪ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। କାର୍ଯ୍ୟକାରୀ ସଭାପତି ପାଇଁ ସୋନୁ କନ୍ଧପାନ ୧୦୨ ଖଣ୍ଡ ଭୋଟ୍ ପାଇଥିବା ବେଳେ ସନ୍ତୋଷ କୁମାର ସାହୁ ୧୦୪ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଥିଲେ। ସାଧାରଣ ସମ୍ପାଦକ ଭାବେ ବିଜୟ ବିହାରୀ ପାତ୍ର, ସମ୍ପାଦକ ଭାବେ ଲକ୍ଷ୍ମଣ ଦାଶ, କୋଷାଧକ୍ଷ ଭାବେ ସୁଶାନ୍ତ କୁମାର ରାଉତ ଅପ୍ରତିଦ୍ୱନ୍ଦ୍ୱୀ ନିର୍ବାଚିତ ହୋଇଛନ୍ତି। ମୋଟ ଭୋଟର ସଂଖ୍ୟା ତିନିଶହ ଥିବାବେଳେ ୨୫୮ ପୋଲିଂ ହୋଇଥିଲା। ପ୍ରିଜାଇଡିଂ ଅଫିସର ଭାବେ ଆଡଭୋକେଟ୍ ସୁଦର୍ଶନ ଗୌଡ଼ ଦାୟିତ୍ୱ ତୁଲାଇଥିଲେ। ନିତ୍ୟା ମହାନ୍ତି, ଅଜିତ କୁମାର ସାହୁ, ପବିତ୍ର ଗୌଡ଼, ତ୍ରିନାଥ ପ୍ରଧାନ ନିର୍ବାଚନ କାର୍ଯ୍ୟ ତୁଲାଇଥିଲେ।

# ମନ୍ଦିର ଜମିକୁ ପ୍ଲଟିଂ କରି ବିକ୍ରି ଅଭିଯୋଗ

ଜୟପୁର,୨୨।୧(ଡି.ଏନ୍.ଏ.)

**ପଦକ୍ଷେପ ନହେଲେ ଧାରଣା, ରାସ୍ତାରୋକୋ**



ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ମନ୍ଦିର ସୁରକ୍ଷା କମିଟି ଓ ଗ୍ରାମବାସୀ।

ଜୟପୁର ଉପକଣ୍ଠ ଟାଙ୍କୁଆ ମୌଜା ବାମୁଣିଗାଁରେ ରାମେଶ୍ୱର ମହାଦେବଙ୍କ ମନ୍ଦିର ଜମିକୁ ପୂଜକ ନିଜ ନାଁକୁ ପରିବର୍ତ୍ତନ ପରେ ମାଫିଆଙ୍କୁ ବିକ୍ରି କରିଛନ୍ତି ଓ ଏହାର ପ୍ଲଟିଂ କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ମନ୍ଦିର ସୁରକ୍ଷା କମିଟି ଏବଂ ଗ୍ରାମବାସୀ ଉପଜିଲାପାଳଙ୍କୁ ଭେଟି ଜଣାଇଛନ୍ତି। ଉଚିତ ପଦକ୍ଷେପ ନହେଲେ ସେମାନେ ଧାରଣା ଏବଂ ରାସ୍ତାରୋକୋ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଜୟପୁର ତହସିଲର ଟାଙ୍କୁଆ ମୌଜା ଖାତା ନମ୍ବର ୭୬ ପ୍ଲଟ ନମ୍ବର-୨୦୩/୩ର ୨ ଏକର ୪ ଡେସିମିଲ ଜମିକୁ ମନ୍ଦିରର ପୂଜକ ଏବଂ ତାଙ୍କ ପରିବାର ଚଞ୍ଚକତା କରି ମାଲିକାନା ପରିବର୍ତ୍ତନ କରିବା ସହ ଜଣେ ମାଫିଆକୁ ବିକି ଦେଇଛନ୍ତି। ମନ୍ଦିର ଜମିରେ ଥିବା ଆମ୍ବଗଛ କଟାଯାଇ ତାହା ସମତଳ କରି ବିକ୍ରି ପାଇଁ ପ୍ଲଟିଂ କରାଯାଉଛି। ସେହିପରି ମନ୍ଦିର ନାଁରେ ଥିବା ସମୁଦାୟ ୧୫ ଏକର ୮୩ ଡେସିମିଲ ଜମିକୁ ବେଆଇନ ଭାବେ ପୂଜକ ଓ ଅନ୍ୟ କେତେକ ବ୍ୟକ୍ତି ଜବରଦଖଲରେ ରଖଥିବା ଅଭିଯୋଗ ହୋଇଛି। ତୁରନ୍ତ ଏହାର ବିଧିବଧ ତଦନ୍ତ କରାଯାଇ ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ଦାବି ହୋଇଛି। ମନ୍ଦିର ସୁରକ୍ଷା କମିଟି ସଂପାଦକ ବିମଳ ସାମଲଙ୍କ ଅଭିଯୋଗ କ୍ରମେ ରାଜସ୍ୱ ବିଭାଗର ଅଣ୍ଡର ସଚିବ ବିରେନ୍ଦ୍ର କୁମାର ଭତିରିଆ ଏହାର ତଦନ୍ତ କରାଯାଇ ମନ୍ଦିର ଜମିରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ଜିଲାପାଳଙ୍କୁ ଚିଠି ନଂ-୧୨୫୧/୧୦-୧-୧୯ରେ ନିର୍ଦ୍ଦେଶ ଦେଇଛନ୍ତି। ଉପଜିଲାପାଳଙ୍କୁ ଭେଟିବା ବେଳେ ମନ୍ଦିର ସୁରକ୍ଷା କମିଟିର ସଭାପତି ରାଜୁ ଟାଣ୍ଡିଲ, ଚନ୍ଦ ହରିଜନ, ସାଗର ଶର୍ମା, ବୁଟୁ ପୂଜାରୀ, ଭାରତ ବାହାଦୁର, ଟି. ଲୋକେଶ ଉପସ୍ଥିତ ଥିଲେ।

# ବିଶ୍ୱକର୍ମା ବଢ଼େଇ ସମାଜ ବୈଠକ

ଜୟପୁର,୨୨।୧(ଡି.ଏନ୍.ଏ.)

ଜୟପୁର ପଞ୍ଚାନନ ମନ୍ଦିରରେ ଦକ୍ଷିଣ ଓଡ଼ିଶା ବିଶ୍ୱକର୍ମା ସମାଜର ବାର୍ଷିକ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ଗଞ୍ଜାମ ଜିଲାର ବରିଷ୍ଠ ସଦସ୍ୟ ସୁରେନ୍ଦ୍ର ମହାରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ସମସ୍ୟା ଆଲୋଚନା କରାଯାଇଥିଲା। ଅନ୍ୟର ଅସୁବିଧା ସମୟରେ ସମସ୍ତ ସଦସ୍ୟ ଉପସ୍ଥିତ ରହିବା ପାଇଁ କୁହାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜୟପୁର ତାଲୁକାର ସନାତନ ମହାରଣା, ସାଧାରଣ ସଂପାଦକ ତାରିଣୀ ଚରଣ ମହାରଣା, ନିରଞ୍ଜନ ମହାରଣା, ବିଶ୍ୱନାଥ ମହାରଣା, ଗଣେଶ ମହାରଣା, ସତ୍ୟନାରାୟଣ ମହାରଣା, ପ୍ରତାପ ମହାରଣା, କୋରାମଣି ମହାରଣା, ବାବୁଲି ମହାରଣା ଉପସ୍ଥିତ ଥିଲେ। ବୈଠକରେ ଅବିଭକ୍ତ କୋରାପୁଟ ଜିଲା ଓ ଛତିଶଗଡ଼ର ୩୪ ତାଲୁକାର ଲୋକେ ଯୋଗ ଦେଇଥିଲେ।



ବାର୍ଷିକ ବୈଠକରେ ଦକ୍ଷିଣ ଓଡିଶା ବିଶ୍ୱକର୍ମା ସମାଜର କର୍ମକର୍ତ୍ତା।

# ଅଗ୍ନିକାଣ୍ଡ ପରିଚାଳନା କାର୍ଯ୍ୟକ୍ରମ

ଜୟପୁର,୨୨।୧(ନି.ପ୍ର.)

ଅରବିନ୍ଦ ନଗର ଶିଶୁ ବିଦ୍ୟାମନ୍ଦିରରେ ଅଗ୍ନି ଦୁର୍ଘଟଣା ପରିଚାଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜୟପୁର ଅଗ୍ନିଶମ ବାହିନୀ ପକ୍ଷରୁ ସହକାରୀ ଅଗ୍ନିଶମ ଅଧିକାରୀ କୁନୁ ନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଆକସ୍ମିକ ଭାବେ ବିଦ୍ୟାଳୟରେ ଅଗ୍ନିକାଣ୍ଡ ଘଟିଲେ କିପରି ଏହାର ତୁରନ୍ତ ନିରାକରଣ କରାଯାଇ ପାରିବ, ତାହାର ନମୁନା ପ୍ରଦର୍ଶିତ ହୋଇଥିଲା। ଛାତ୍ରୀଛାତ୍ରଙ୍କୁ ଏନେଇ ପ୍ରଶିକ୍ଷଣ ଦିଆଯାଇ ଉଦ୍ଧାର କରାଯିବା କୌଶଳ ମଧ୍ୟ ଶିଖାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ଚାନ୍ଦିଲି(କୋଟପାଡ଼), ୨୨।୧(ଡି.ଏନ୍.ଏ.)

କୋଟପାଡରୁ ବଣିଆ ଯିବା ରାସ୍ତାରେ ମଙ୍ଗଳବାର ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ଛତିଶଗଡ଼ ନଗରନାର ଥାନା ଅଧୀନ ବଜାହାଣ୍ଡି ଗ୍ରାମର ରଘୁ ମାଙ୍ଗାଲି (୫୦)। ପ୍ରକାଶ ଯେ, ରଘୁ ବାଇକ୍ (ସିଜି-୧୭ଏନ୍-୩୯୮୦) ଯୋଗେ ହାଟ କରି ଏହି ରାସ୍ତା ଦେଇ ଗାଁକୁ ଫେରିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଏଥିରେ ଘଟଣାସ୍ଥଳରେ ହିଁ ସେ ପ୍ରାଣ ହରାଇଥିଲେ। ମଙ୍ଗଳବାର ପ୍ରାୟ ୧୨ଟା ୩୦ରେ କୋଟପାଡ଼ ସାପ୍ତାହିକ ହାଟକୁ ଆସୁଥିବା କେତେକ ଲୋକ ରଘୁଙ୍କୁ ରକ୍ତାକ୍ତ ଅବସ୍ଥାରେ ରାସ୍ତା ଉପରେ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ଏଥିସହ କୋଟପାଡ଼ ମାଙ୍ଗାଲିରେ ରହୁଥିବା ରଘୁଙ୍କ ସମ୍ପର୍କୀୟ ଟୁଟୁଙ୍କୁ ଖବର ଦିଆଯାଇଥିଲା। ସେ କୋଟପାଡ଼ ଥାନାରେ ଏତଲା ଦେଇଛନ୍ତି। ତାଙ୍କ ଏତଲାକୁ ଭିତ୍ତିକରି ୧୧/୧୯ରେ ପୋଲିସ ମାମଲା ରୁଜୁ କରିଛି। ଘଟଣାର ତଦନ୍ତ ଚାଲିଥିବା ଏସ୍‌ଆଇ ନିରୋଦ ବାଘ କହିଛନ୍ତି।

## ବ୍ରାହ୍ମଣ ସମାଜ ବୈଠକ ପିଲାଙ୍କ ସାମୂହିକ ବ୍ରତ କରିବାକୁ ନିଷ୍ପତ୍ତି

କୁନ୍ଦୁରା,୨୨।୧(ଡି.ଏନ୍.ଏ.)

କୁନ୍ଦୁରା ବ୍ଲକ ବାଣୁଆଗୁଡ଼ା ଜଗନ୍ନାଥ ମନ୍ଦିରରେ ଆବାହକ ମଦନ ମୋହନ ସାନ୍ତ୍ରାଙ୍କ ନେତୃତ୍ୱରେ ଜୋନ 'କ'ର ବ୍ରାହ୍ମଣ ସମାଜ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କୁନ୍ଦୁରା ବ୍ଲକ ବ୍ରାହ୍ମଣ ସମାଜ ସଭାପତି ରାଧାନାଥ ଭଞ୍ଜ, କୁସୁମିର ଦେବୀ ଶଙ୍କର ବ୍ରହ୍ମା, ଜୟପୁରର ଗୁପ୍ତେଶ୍ୱର ପାଣିଗ୍ରାହୀ, ଉପେନ୍ଦ୍ର ପାଣିଗ୍ରାହୀ, ଉଦୟନାଥ ସାହୁ, ରାମକୃଷ୍ଣ ସାବତ, ବିବେକାନନ୍ଦ ପଣ୍ଡା, ଚନ୍ଦ୍ରଶେଖର ରଥ, କୃଷ୍ଣ ପାଟଯୋଶୀ ଏବଂ ନରସିଂହ ସାହୁ ଉପସ୍ଥିତ ଥିଲେ। ବ୍ରାହ୍ମଣମାନଙ୍କୁ ନେଇ ରହିଥିବା ନୀତି ଏବଂ ଆଦର୍ଶ, ନିୟମକୁ କଠୋର କରିବା, ଗରିବ ବ୍ରାହ୍ମଣ ପିଲାଙ୍କ ସାମୁହିକ ବ୍ରତୋପନୟନ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। କୌଣସି ଗରିବ ବ୍ରାହ୍ମଣଙ୍କ ଘରେ କାହାର ଦେହାନ୍ତ ହେଲେ ବ୍ରାହ୍ମଣ ସମାଜ ଅର୍ଥ ସାହାର୍ଯ୍ୟ କରିବ ଏବଂ ସେମାନଙ୍କ ଭୋଜିରେ କୁକୁଡା ମାଂସ କରାଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଛି। ଭବାନୀ ଶଙ୍କର ରଥ ବୈଠକ ପରିଚାଳନା କରିଥିଲେ।

# ୫ ନିର୍ବାଚନ ମଣ୍ଡଳୀରେ ୯.୩୮ ଲକ୍ଷ ଭୋଟର

କୋରାପୁଟ,୨୨।୧(ସ୍ୱ.ପ୍ର.)

କୋରାପୁଟ ଜିଲା ଅଧୀନ ଜୟପୁର, କୋରାପୁଟ, ପଟ୍ଟାଙ୍ଗି , କୋଟପାଡ଼, ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମୁଦାୟ ୯ ଲକ୍ଷ ୩୮ ହଜାର ୫୩ ଜଣ ଭୋଟର ରହିଛନ୍ତି। ଜିଲା ପ୍ରଶାସନ ପ୍ରକାଶ କରିଥିବା ଚୂଡ଼ାନ୍ତ ଭୋଟର ତାଲିକାରୁ ଏହି ସୂଚନା ମିଳିଛି। ଜୟପୁର ଉପଖଣ୍ଡରେ ଥିବା କୋଟପାଡ଼ ଓ ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୩ ଲକ୍ଷ ୯୫ ହଜାର ୨୯୧ ଜଣ ଭୋଟର ରହିଛନ୍ତି। ସେଥିରୁ କୋଟପାଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧ ଲକ୍ଷ ୯୪ ହଜାର ୩୬୧ ଜଣ ଭୋଟର ଥିବାବେଳେ ସେଥିରୁ ୯୪ ହଜାର ୭୨୩ ଜଣ ପୁରୁଷ, ୯୯ ହଜାର ୬୨୯ ଜଣ ମହିଳା ଓ ୯ ଜଣ ଅନ୍ୟ ଭୋଟର ରହିଛନ୍ତି। ସେହିପରି ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨ ଲକ୍ଷ ୯୩୦ ଜଣ ଭୋଟର ଥିବାବେଳେ ସେଥିରୁ ୯୮ ହଜାର ୨୫୭ ପୁରୁଷ, ୧ ଲକ୍ଷ ୨ ହଜାର ୬୪୩ ଜଣ ମହିଳା ଓ ୩୦ ଜଣ ଅନ୍ୟାନ୍ୟ ଭୋଟର ସାମିଲ ଅଛନ୍ତି।

# ବନ୍ଦାଗୁଡ଼ାରେ କଂଗ୍ରେସର ବନ୍ଧୁମିଳନ



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ କଂଗ୍ରେସ ନେତା ଓ କର୍ମୀମାନେ।

ପଟ୍ଟାଙ୍ଗି,୨୨।୧(ଡି.ଏନ୍.ଏ.)

ପଟ୍ଟାଙ୍ଗି ବ୍ଲକ ପେଟୁ ପଞ୍ଚାୟତ ବନ୍ଦାଗୁଡ଼ାରେ କଂଗ୍ରେସର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଛି। ଜୋନ ସଭାପତି ଶୁକ୍ରା ଖରା ଓ ପୂର୍ବତନ ସମିତି ସଭ୍ୟ ଲାଛୁ ଜାନିଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ଜିଲା କାର୍ଯ୍ୟକାରୀ ସଭାପତି ରାମଚନ୍ଦ୍ର କାଡାମ ଓ ଜୋନ-୧ ସଭାପତି ନୃସିଂହନାଥ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଇପାଗୁଡ଼ା, ଡୁମୁରିଗୁଡ଼ା, କରଞ୍ଜଗୁଡ଼ା, ତିଆଲମାଉଡ଼ି ସମେତ ୭ ଖଣ୍ଡ ଗାଁର ବାସିନ୍ଦାଙ୍କ ପାଇଁ ବିଦ୍ୟୁତ ସେବାର ଉଦ୍‌ଘାଟନ କରାଯାଇଥିଲା। ସେହିପରି ସ୍ଥାନୀୟ ଲୋକଙ୍କ ସମସ୍ୟା ପଚାରି ବୁଝିବା ସହ ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ଆସନ୍ତା ସାଧାରଣ ନିର୍ବାଚନରେ ଦଳୀୟ ସଫଳତା ପାଇଁ କର୍ମୀ ଓ ଗ୍ରାମବାସୀଙ୍କୁ ଆହ୍ୱାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଦଳର ଯୁବ ସଭାପତି ଗୁପ୍ତ ଶଙ୍କର ପଟ୍ଟନାୟକ, ସୁରେଶ ରୁଡି, ଏସ୍. ଚନ୍ଦ୍ରଶେଖର, ଜେଟି ଚିରଞ୍ଜୀବ, ଲକ୍ଷ୍ମଣ କନ୍ତେରି, କିଶୋର ଦଳେଇ, ଧବୁଲୁ ଖିଲ, ଗେମେଲ ସିନାୟା, ଜୋନାଲ କମିଟି ଉପସଭାପତି ସନା ବାଙ୍କା, ପଞ୍ଚାୟତ ସଭାପତି ସାମୁଦୁ ଗେମେଲ, ଗାଣ୍ଡେରି ହରି ଉପସ୍ଥିତ ଥିଲେ।

# ଇସ୍ତଫା ଦେଲେ ଏସ୍‌ଟି କଂଗ୍ରେସ ସଂପାଦକ

ସେମିଳିଗୁଡ଼ା,୨୨।୧(ସ୍ୱ.ପ୍ର.)



ପ୍ରୀତମ ପାଢ଼ି।

କଂଗ୍ରେସର ତୃଣମୂଳ ସ୍ତରରେ ଗୋଷ୍ଠୀ କନ୍ଦଳ ଓ ଏକଛତ୍ରବାଦରେ ଅତିଷ୍ଠ ହୋଇ ଦଳରୁ ଇସ୍ତଫା ଦେଇଛନ୍ତି ଓଡିଶା ପ୍ରଦେଶ ଆଦିବାସୀ କଂଗ୍ରେସର ସଂପାଦକ ପ୍ରୀତମ ପାଢ଼ୀ। ଲିଖିତ ଇସ୍ତଫା ସେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ପଠାଇଥିବା ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପାଢ଼ୀ କହିଛନ୍ତି।

ସେ କହିଛନ୍ତି, ପ୍ରୀତମ ପାଢ଼ି ୨୦୦୬ରୁ ଶୃଙ୍ଖଳିତ କର୍ମୀ ଭାବେ ୧୩ ବର୍ଷ ହେଲା କାମ କରିଆସୁଥିବା ବେଳେ ଜିଲା ମୂଳନିବାସୀ, ଆଦିବାସୀ, ଅନୁସୂଚିତ ଜାତି, ପଛୁଆ ବର୍ଗ ଓ ଗରିବ ଲୋକଙ୍କ ଉନ୍ନତି ପାଇଁ କାମ କରିବେ ବୋଲି ଆଶା ରଖିଥିଲେ। କିନ୍ତୁ ଜୟପୁର ବିଧାୟକ ଓ ତାଙ୍କ ସ୍ତ୍ରୀ ଦଳର ମଙ୍ଗୁଆଳ ସାଜିଥିବା ବେଳେ ଆଦିବାସୀ ବର୍ଗର ଜଣେ କାହାକୁ ବି ଜିଲା ପଦବୀରେ ସୁଯୋଗ ମିଳୁ ନଥିବା ସେ କହିଥିଲେ। ୨୦୦୭ ଜିଲା ପରିଷଦ ନିର୍ବାଚନରେ ବିରୋଧୀ ଦଳ ସହ ବିଧାୟକଙ୍କ ବୁଝାମଣା ଫଳରେ ଦଳକୁ ପରାଜୟର ମୁହଁ ଦେଖିବାକୁ ପଡ଼ିଲା ବୋଲି ସେ ଅଭିଯୋଗ କରିଛନ୍ତି। ସେ ଦଳକୁ ନିଜର ପୈତୃକ ସମ୍ପତ୍ତି ଭାବୁଛନ୍ତି ବୋଲି ପାଢ଼ୀ କହିଛନ୍ତି। ତାଙ୍କ ଇସାରାରେ ଚାଲୁଥିବା ଲୋକଙ୍କୁ ନେଇ ସେ ଜିଲା ସଂଗଠନ କରିଛନ୍ତି। ଏସବୁ କାର୍ଯ୍ୟରେ ଅତିଷ୍ଠ ହୋଇ ସେ ଦଳରୁ ଇସ୍ତଫା ଦେଇଥିବା ପାଢ଼ୀ କହିଛନ୍ତି।

# ଗଣତନ୍ତ୍ର ଦିବସ ପାଇଁ ସାଂସ୍କୃତିକ ପ୍ରତିଯୋଗିତା

ଚାନ୍ଦିଲି(କୋଟପାଡ଼)୨୨।୧(ଡି.ଏନ୍.ଏ.)

କୋଟପାଡ଼ ଜମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏନ୍‌ଏସି ସ୍ତରୀୟ ଗଣତନ୍ତ୍ର ଦିବସ ପାଳନ ପୂର୍ବରୁ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଗଣତନ୍ତ୍ର ଦିବସ ପାଳନ କମିଟିର ଅଧକ୍ଷ ତଥା ତହସିଲଦାର ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କମିଟିର ସମ୍ପାଦକ ଗଣେଶ ଚନ୍ଦ୍ର ପଣ୍ଡା ଏବଂ ବ୍ଲକ ଶିକ୍ଷା ଅଧିକାରୀ ବିଚିତ୍ରାନନ୍ଦ ସେଠୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ସହରାଞ୍ଚଳ ସ୍ଥିତ ୩୧ଟି ବିଦ୍ୟାଳୟ, ୨ଟି ମହାବିଦ୍ୟାଳୟ ଓ ଆଇଟିଆଇର ଶତାଧିକ ପ୍ରତିଯୋଗୀ ସାମିଲ ହୋଇଥିଲେ। ଏଥିରେ ସଙ୍ଗୀତ, ବାଲୁକା ଚିତ୍ର, ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ, କୁଇଜ୍ ପ୍ରତିଯୋଗିତା ହୋଇଥିଲା।

■ ସ୍କୁଲ ମିଶ୍ରଣ ସ୍ଥଗିତ ରଖିବାକୁ ଦାବିପତ୍ର

# ଆନ୍ଦୋଳନ ଚେତାବନୀ ଦେଲେ ଅଭିଭାବକ

ଦଶମନ୍ତପୁର, ୨୨।୧ (ଡି.ଏନ୍.ଏ.)-

ଦଶମନ୍ତପୁର ବ୍ଲକ ବାଣଗୁଡ଼ାସ୍ଥିତ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଦଶମନ୍ତପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ମିଶ୍ରଣ କରାଯାଇଛି। ଏହାକୁ ନେଇ ଅଭିଭାବକମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ଏବିଡିଓ ରଜନୀକାନ୍ତ ଦାଶ ଓ ବିଇଓ ଅର୍ପିତା ପ୍ରଧାନଙ୍କ ଉଦ୍ଦେଶ୍ୟରେ କିରାଣି ଗୌରୀଶଙ୍କର ଶତପଥୀଙ୍କୁ ଦାବିପତ୍ର ଦେଇଛନ୍ତି। ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ଶ୍ରେଣୀ ଯାଏ ୨୭୪ଜଣ ପିଲା ପଢୁଛନ୍ତି। ସ୍କୁଲ ମିଶ୍ରଣ ଦ୍ୱାରା ପିଲାଙ୍କୁ ଉପଯୁକ୍ତ ଶିକ୍ଷା ମିଳିପାରିବ ନାହିଁ। ଏହାଛଡା ଆମ ପୂର୍ବପୁରୁଷ ଦେଇଥିବା ବିଦ୍ୟାଳୟ ନାମଟି ଲୋପ



ଅଭିଭାବକମାନେ ବିଇଓଙ୍କୁ ଦାବିପତ୍ର ଦେଉଛନ୍ତି।

ପାଇଯିବ ବୋଲି କହିଛନ୍ତି ଅଭିଭାବକ। ପିଲାଙ୍କ ପାଇଁ ଆସୁଥିବା ସରକାରୀ ଅନୁଦାନକୁ ଆମେ କୌଣସି ପ୍ରକାରେ ମଧ ଉଠାଇ ଦେବୁନାହିଁ ବୋଲି ଏସଏମ୍‌ସି କମିଟି ଚେତାବନୀ ଦେଇଛି। ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ବିଭାଗ ସ୍କୁଲ ମିଶ୍ରଣି ମିଶ୍ରଣ ପ୍ରକ୍ରିୟାକୁ ସ୍ଥଗିତ ରଖିଥିବାବେଳେ କାହାସ୍ୱାର୍ଥରେ ଆମ ବିଦ୍ୟାଳୟକୁ ମିଶ୍ରଣ କରାଯାଉଛି ବୋଲି ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି। ମିଶ୍ରଣ ବନ୍ଦ କରା ନଗଲେ ବିଇଓ ଏବଂ ବ୍ଲକ କାର୍ଯ୍ୟାଳୟରେ ତାଲା ଠୁଙ୍କିବା ସହ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏସମ୍ପର୍କରେ ଏବିଡିଓଙ୍କୁ ପଚାରିବାରୁ, ମୁଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବି ବୋଲି ସେ କହିଛନ୍ତି। ବିଇଓଙ୍କୁ ଯୋଗାଯୋଗ କରିବାରୁ, ମିଶ୍ରଣ ପ୍ରକ୍ରିୟାକୁ ସ୍ଥଗିତ କରାଯାଇପାରିବ ନାହିଁ ଏବଂ ମିଶ୍ରଣ ହେଲେ ମଧ ପିଲାଙ୍କ କୌଣସି ସମସ୍ୟା ହେବ ନାହିଁ ବୋଲି ସେ କହିଛନ୍ତି।

